THE SUNDAY SECTION OF NITIDIN

NITIDIN

# ନିତିଦିନ ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୧୪ ଜୁନ ୨୦୨୬

ମନୋରଞ୍ଜନ

ଉଡ଼ି ଚାଲିଛି ପେଡ୍ଡି





## ବରଷକେ ଥରେ

# ଆସିଛି ରଜ

# ଶ୍ରୀ ରାମକୃଷ୍ଣ ଚରିତାମୃତ ୫୦

## ମନୋଜ କୁମାର ମହାପାତ୍ର



ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ରୂପରେ ସେ ଯେଉଁ ବିଚାରକୁ ଜଗତ ସମ୍ମୁଖରେ ଉପସ୍ଥାପନ କରିଥିଲେ, ତାହା ତାଙ୍କର ଗୁରୁଭାଇମାନଙ୍କ ନିମନ୍ତେ ନୂଆ ନ ଥିଲା। କାହିଁକି ନା ସେମାନେ ବରାହନଗର ମଠ ଅଥବା ଏହା ପୂର୍ବରୁ କାଶିପୁର ଉଦ୍ୟାନବାଟୀରେ ଶୁଣିସାରିଥିଲେ। କିଛି କାଳ ପରେ ବରାହନଗର ମଠର ବାତାବରଣ ମଧ୍ୟ ସଂକୁଚିତ ଭଳି ମନେହେଲା। ସେ ବିସ୍ତୃତ ସଂସାରରେ ସର୍ବତୋଭାବରେ ଈଶ୍ୱରାଧୀନ ହୋଇ ପରିବ୍ରାଜକ ରୂପରେ ବିଚରଣ କରିବା ପାଇଁ ବ୍ୟଗ୍ର ହୋଇ ଉଠିଲେ। ଶଶୀ ବ୍ୟତୀତ ଯିଏ ବରାହନଗର ମଠରେ ଶ୍ରୀ ରାମକୃଷ୍ଣଙ୍କର ଅବଶେଷ ପାଖରେ ରହିବାକୁ ଇଚ୍ଛା ପ୍ରକଟ କରିଥିଲେ, ସେ ସେଠାରେ ରହିଲେ। ବାକିସବୁ ଜଣକ ପରେ ଜଣେ ତ୍ୟାଗ ଓ ତପସ୍ୟା ପଥରେ ଗମନ କରିବାକୁ ନିଷ୍ପତ୍ତି ନେଲେ। ପ୍ରାଚୀନ ହିନ୍ଦୁ ସନ୍ନ୍ୟାସୀଙ୍କ ପଦଚିହ୍ନ ଅନୁସରଣ କରି ପରିବ୍ରାଜକ ଜୀବନକୁ ସେମାନେ ଅଙ୍ଗୀକାର କରିନେଲେ।

ସେମାନେ ଈଶ୍ୱରଙ୍କ ଉପରେ ନିର୍ଭର କରି ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଦେଶ ଭ୍ରମଣ କଲେ। ମହାନ ଆଧାତ୍ମିକ ଦିଗଜ ରୂପରେ ସଂସାର ସମ୍ମୁଖରେ ପ୍ରକଟ ହେବା ପାଇଁ ନବଜନ୍ମ ଯାତନାରେ ଅଶେଷ ଦୁଃଖ କଷ୍ଟ ସହିବାକୁ ହେଲା। ଏହି ରୂପାନ୍ତର ପଶ୍ଚାତରେ ସେହି ବ୍ୟକ୍ତିଙ୍କର ପ୍ରଚ୍ଛନ୍ନ ସତତ ଓ ଅମୋଘ ହାତ ଥିଲା ଯିଏ ସେମାନଙ୍କର ଚରିତ୍ରକୁ ନିର୍ମାଣ କରିଥିଲେ। ମନର ଅସ୍ଥିରତାକୁ ଦୂର କରିଥିଲେ, ଜୀବନର ଦିଗ ପ୍ରଦର୍ଶନ କରାଇଥିଲେ ଏବଂ ପୂର୍ଣ୍ଣତା ପାଇଁ ସେମାନଙ୍କୁ ଘନିଷ୍ଠ କରାଇଥିଲେ। ବାସ୍ତବରେ ଏହି ଯୁବକମାନଙ୍କ ଭିତରେ ପ୍ରତ୍ୟେକଙ୍କୁ ଶ୍ରୀ ରାମକୃଷ୍ଣ ଆପଣାର କରିନେଇଥିଲେ। ଶ୍ରୀ ରାମକୃଷ୍ଣ ସେମାନଙ୍କର ଜୀବନକୁ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱରେ ପରିଣତ କଲେ। ସେମାନଙ୍କର ହୃଦୟ ଓ ମସ୍ତିଷ୍କରେ ଯେଉଁ ମହାନ ଗୁଣ ଏହି ଆଧାତ୍ମିକ ଦିଗଜଙ୍କ ଭିତରେ ପ୍ରକଟିତ ହୋଇଥିଲା, ତାହା ସେହି ମହାନ ଯୁଗପୁରୁଷ ଶ୍ରୀ ରାମକୃଷ୍ଣଙ୍କର ଆଶୀର୍ବାଦ ଓ ଆଧାତ୍ମିକ ଦିଗଦର୍ଶନ ଯୋଗୁ ସମ୍ଭବ ହେଇପାରିଥିଲା। ଯାହାଫଳରେ ସେମାନେ ଆଶ୍ଚର୍ଯ୍ୟଜନକ ଚରମସୀମାରେ ଉପନୀତ ହେଇପାରିଥିଲେ। ଯେତେବେଳେ ବିବେକାନନ୍ଦ ଗୌରବର ଶିଖର ଦେଶରେ ଆରୂଢ ହେଲେ ଏବଂ ଯେତେବେଳେ ପୂର୍ବ ଓ ପଶ୍ଚିମରେ ତାଙ୍କର ସମ୍ମାନ ଓ ଖ୍ୟାତି ପରିବ୍ୟାପ୍ତ ହେବାକୁ ଲାଗିଲା ସେତେବେଳେ ନରେନ୍ଦ୍ର ସେମାନଙ୍କର ଗୁରୁଦେବ ଶ୍ରୀ ରାମକୃଷ୍ଣଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନିବେଦନ କରି କହିଥିଲେ-'ଯଦି ମୋର ବାଣୀ, ମନ ଏବଂ କର୍ମ ଦ୍ୱାରା କିଛି ହାସଲ ହେଇଥାଏ, ଯଦି ମୋ ଠାରୁ ଏପରି ବାକ୍ୟ ବାହାରି ସଂସାରର କିଛି ଲୋକଙ୍କ କଲ୍ୟାଣ ହେଇଥାଏ ସେଥିରେ ମୋର କୌଣସି ଶ୍ରେୟ ନାହିଁ, ସବୁ ସେହି ମହାନ ଗୁରୁଦେବ ଶ୍ରୀ ରାମକୃଷ୍ଣଙ୍କର। ଯଦି ମୋ ମୁହଁରୁ ଅପବଚନ ବାହାରି ଘୃଣାଭାବ ବ୍ୟକ୍ତ ହେଇଥାଏ, ସେସବୁ ଭକ୍ତି ମୋର କିନ୍ତୁ ମୋ ପ୍ରଭୁଙ୍କର ତାହା ନୁହେଁ। ଯାହା ସବୁ ଦୁର୍ବଳତାଯୁକ୍ତ ସେସବୁ ମୋର। ଯାହାସବୁ ଜୀବନପ୍ରଦ, ଶକ୍ତିଦାୟୀ, ପୂତ ଏବଂ ପବିତ୍ର ସେସବୁ ପଛରେ ପ୍ରଭୁଙ୍କର ପ୍ରେରଣା ରହିଛି। ସେହି ଶବ୍ଦ ତାଙ୍କର ଏବଂ ସ୍ୱୟଂ ସେ ନିଜେ। ହଁ, ହେ ମୋର ମିତ୍ରମାନେ, ଏହି ସଂସାରରେ ସେହି ବ୍ୟକ୍ତିଙ୍କ ବିଷୟରେ ଜାଣିବା ଆହୁରି କିଛି ଅଛି।

ଶ୍ରୀ ରାମକୃଷ୍ଣ କହନ୍ତି – ତୁମେ ରାତ୍ର ସମୟରେ ଆକାଶରେ ବହୁତ ତାରା ଦେଖୁଛ। କିନ୍ତୁ ସୂର୍ଯ୍ୟ ଆସିବା ପୂର୍ବରୁ ତାରାସବୁକୁ ଦେଖିବାକୁ ପାଉନ। ତୁମେ କ'ଣ କହିପାରିବ ଯେ ଦିନବେଳେ ଆକାଶରେ ତାରା ନାହିଁ ? ଏହି ପ୍ରକାରେ ହେ ମାନବ! ଅଜ୍ଞାନ ସମୟରେ ଈଶ୍ୱରଙ୍କୁ ନଦେଖି ପାରିବା ସମୟରେ କେବେ କୁହନି ଈଶ୍ୱର ନାହାନ୍ତି ବୋଲି।

ଈଶ୍ୱର ହେଉଛନ୍ତି ନିରାକାର ତଥା ସାକାର। ପୁଣି ସେ ସାକାର ଓ ନିରାକାର ଉର୍ଦ୍ଧ୍ୱରେ। କେବଳ ସେ କହିପାରିବେ ସେ ବାସ୍ତବରେ କିଏ। ଈଶ୍ୱରଙ୍କୁ ସାକାର ରୂପରେ ଦେଖିହୁଏ। ଏତିକି କେବଳ ନୁହେଁ, ଆମେ ତାଙ୍କୁ ସ୍ପର୍ଶ କରିପାରିବା ଯେପରି କୌଣସି ପ୍ରିୟ ମିତ୍ରକୁ ଆମେ ସ୍ପର୍ଶ କରନ୍ତି। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ମହାପ୍ରଭୁଙ୍କ ମାଉସୀ ମା' ଓ ପୋଡ଼ ପିଠା

**ସୁକାନ୍ତ ଛାଟୋଇ**

ମହାପ୍ରଭୁଙ୍କ ଲୀଳା ମହିମା ଅତିବ ବିଚିତ୍ର ଓ ଅଲୌକିକ। ଆମ ମାନଙ୍କ ନିତିଦିନିଆ ଜୀବନରେ ଅନେକଙ୍କର ସମ୍ପର୍କୀୟ ମାଉସୀ ଥାଆନ୍ତି। ଓଡ଼ିଆ ଲୋକ ଚଳଣୀରେ ଏକ କଥା ରହିଆସିଛି – 'ବାପା ଅଧା ପିଉସୀ, ମାଆ ଅଧା ମାଉସୀ'। ତେଣୁ ସାଧାରଣ ଜୀବନରେ ମାଉସୀ ମା'ଙ୍କ ଗୁରୁତ୍ୱ ଏହିଥିରୁ ପ୍ରତୀୟମାନ ହୁଏ। ଲୀଳାମୟଙ୍କ ମାଉସୀ ମା'ହେଉଛନ୍ତି ଦେବୀ 'ଅର୍ଦ୍ଧାସନୀ'। 'ପୁରୁଷୋତ୍ତମ ମହାତ୍ମ୍ୟ'ରେ ବର୍ଣ୍ଣିତ ଅଛି ଦେବୀ ଅର୍ଦ୍ଧାସନୀ ପ୍ରଳୟୋଦକକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶବରଙ୍କ ନିବାସ ସ୍ଥଳକୁ ସୁରକ୍ଷା କରିଥିବାରୁ ଦଇତାମାନେ ଏହାଙ୍କୁ ଇଷ୍ଟଦେବୀଙ୍କର ମାନ୍ୟତା ପ୍ରଦାନ କରିବା ସହ ପୂଜା କରିଥାନ୍ତି। ଗବେଷକ ଶ୍ୟାମ ପ୍ରକାଶ ସେନାପତିଙ୍କ ତଥ୍ୟ ଅନୁଯାୟୀ ତାଙ୍କର ନାମକୁ ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧସନୀ ବୋଲି କୁହାଯାଇପାରେ। ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ସେ ଅର୍ଦ୍ଧଶୋଷଣୀ ଶକ୍ତି।

ଅର୍ଦ୍ଧାସନୀ ବା ମାଉସୀ ମା'ଙ୍କ ମନ୍ଦିର ରଥ ମାର୍ଗ ବା ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଦଇତା ପଡା ସାହିର ପାର୍ଶ୍ୱରେ ଏବଂ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ପ୍ରାୟ ମଧ୍ୟ ଭାଗରେ ଅବସ୍ଥିତ। ଐତିହାସିକ ତଥ୍ୟ ଅନୁଯାୟୀ ଏହି ମନ୍ଦିରର ନିର୍ମାଣ ହୋଇଥିଲା କେଶରୀ ବଂଶର ରାଜାଙ୍କ ସମୟରେ। ମାଉସୀ ମା'ମୂଳତଃ ଏକ କୃଷ୍ଣପ୍ରସ୍ତର ନିର୍ମିତ ଦ୍ୱିଭୁଜା ରମଣୀୟ ବିଗ୍ରହ। ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ଦୁଇଜଣ ପାର୍ଶ୍ୱଦେବୀ ବିଦ୍ୟମାନ। ମନ୍ଦିରର ଦ୍ୱାର ଦେଶରେ ଦୁଇଟି ବଡ଼ସିଂହ ବଡ଼ ଦାଣ୍ଡକୁ ମୁହଁ କରି ରହିଛନ୍ତି। ମାଉସୀ'ମାଙ୍କ ନୀତିକାନ୍ତି ପ୍ରତିଦିନ ଭୋରୁ ଆରମ୍ଭ ହୋଇଥାଏ। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମା'ଙ୍କ ସ୍ନାନ, ବେଶ କରାଯିବା ସହ ସକାଳ ଓ ସନ୍ଧ୍ୟାରେ ଆଳତୀ ପୂର୍ବକ ବାଲ ଭୋଗ କରାଯାଇଥାଏ। ମାଉସୀ ମା'ଙ୍କ ପୂଜା ବନଦୁର୍ଗା ମନ୍ତ୍ରରେ ଅନୁଷ୍ଠିତ ହୋଇଥାଏ। ମାଉସୀ ମା'ଙ୍କ ଅନେକ ନୀତିକାନ୍ତି ସବୁ ରହିଛି।

ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଦିନ ମା'ଙ୍କ ଜଳାଶାୟୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ମା' ହେଉଛନ୍ତି ପରମ ବୈଷ୍ଣବୀ। ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ମାଉସୀ ମା' ମନ୍ଦିର ଭକ୍ତଜନଙ୍କ ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। କାରଣ ମହାପ୍ରଭୁ ମାଉସୀ ମା'ଙ୍କ ଦର୍ଶନ ନିମିତ୍ତ ବାହୁଡ଼ା ଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରରୁ ଫେରିଲା ବେଳେ ମାଉସୀ ମା'ଙ୍କ ମନ୍ଦିର ପାଖରେ ଅଟକି ଥାଆନ୍ତି ଓ ପୋଡ଼ପିଠା ଖାଇଥାଆନ୍ତି।

ମାଉସୀ ମା'ଙ୍କ ପୋଡ଼ ପିଠା : ମହାପ୍ରଭୁ ଦାରୁ ଦେବତା ପୂର୍ଣ୍ଣବ୍ରହ୍ମ ଲୀଳାମୟ ତାଙ୍କର ଲୀଳା ଯେତିକ ଆନନ୍ଦଦାୟକ ସେତିକ ଲୀଳା ମହାତ୍ମ୍ୟପୂର୍ଣ୍ଣ। ପ୍ରଥା ଓ ପରମ୍ପରା ଅଛି ମହାପ୍ରଭୁ ମାଉସୀଙ୍କ ଠାରୁ ପୋଡ଼ ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି। ମାଉସୀ ପୁଣି ଅପେକ୍ଷା କରି ରହିଥାନ୍ତି ଆସନ୍ତା ରଥଯାତ୍ରାକୁ।

ଏଇଠି ଆମେ ପୋଡ଼ପିଠା ସମ୍ପର୍କରେ ଟିକିଏ ଉଲ୍ଲେଖ କରିବା। ମହାପ୍ରଭୁଙ୍କ ପାଇଁ ଯେଉଁ ପୋଡ଼ପିଠା ପ୍ରସ୍ତୁତ ହୁଏ ସେଥିରେ ଛେନା, ଗହମ ଅଟା, ବିଶୁଦ୍ଧ ଘିଅ, ଚିନି, ବାଦାମ, ଖିସମିସ, ଅଲେଇଚ, ଲବଙ୍ଗ ପ୍ରଭୃତି ଦ୍ରବ୍ୟରେ ପ୍ରସ୍ତୁତି ହୋଇଥାଏ। ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ମାଟି ତାଡ଼ରେ ପ୍ରସ୍ତୁ ହୋଇ ସମର୍ପଣ ହୁଏ। ଆମ ନିତିଦିନିଆ ଜୀବନରେ ସର୍ବୋପରି ସାମାଜିକ ପରମ୍ପରାରେ ଆମେ ମାଉସୀ ଘରକୁ ଗଲାବେଳେ, ମାଉସୀ ତାଙ୍କ ଘରେ ଯେପରି ଭଲ ପାଇବା, ଶ୍ରଦ୍ଧା ଓ ମମତା ଅଜାଡ଼ି ଦେଇଥାନ୍ତି ଠିକ ସେହିପରି ମହାପ୍ରଭୁଙ୍କ ସଂସ୍କୃତିରେ ସମାନ ସାମାଜିକ ପରମ୍ପରା ପ୍ରତିଫଳିତ ହୋଇଛି। ମହାପ୍ରଭୁଙ୍କ ମାଉସୀଙ୍କ ପ୍ରତି କେତେ ଆତ୍ମୀୟତା ଭାବ ଓ ଶ୍ରଦ୍ଧା ରହିଛି ରଥଯାତ୍ରାରେ ମାଉସୀ ମା' ମନ୍ଦିରର ନୀତି ତାହାର ଏକ ଦୃଷ୍ଟାନ୍ତ।

**ପୋପରଡ଼ା, ନୂଆ ବଜାର, କଟକ,**
**ଦୂରଭାଷ : ୮୨୪୯୨୬୦୬୨୧**
E-mail :
chhatoi.sukanta@yahoo.co.in

ପ୍ରଚ୍ଛଦ



# ବରଷକେ ଥରେ ଆସିଛି ରଜ

**କାର୍ତ୍ତିକ ଚନ୍ଦ୍ର ସାଇଁ**

ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ। ରଜ ସଂକ୍ରାନ୍ତିର ପୂର୍ବ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ବା ଭୂମି ଦହନ ଓ ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଆଷାଢ଼ ମାସ ଚତୁର୍ମାସ ବ୍ରତର ପ୍ରଥମ ମାସ। ଏହି ଚାରିମାସ ମୁନି ଋଷି ଓ ସାଧକମାନେ ସେମାନଙ୍କର ପରିଭ୍ରମଣ ତ୍ୟାଗକରି ଏକ ସ୍ଥାନରେ ନିର୍ଦ୍ଦିଷ୍ଟ ହୋଇ ସାଧନା କରିଥାନ୍ତି। ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ। ବିରହ, ବିଧୂର, ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତି କଥା। ଆଷାଢ଼ ମାସର ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ ମାଟି ମା' ହୁଏ ରଜସ୍ୱଳା। କୃଷି ପ୍ରଧାନ ଦେଶଭାବେ ଖ୍ୟାତି ଲାଭ କରିଥିବା ଆମ ଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ। ମା' ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ। ଯେଉଁଥିପାଇଁ ଭୂ-ଖନନ ବାରଣ କରାଯାଇଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତ ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ। ଆଷାଢ଼ ମାସର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ। ଏହି କାରଣରୁ ଧରିଣୀମାତାଙ୍କୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଇଥାଏ। ଜଣେ ନାରୀ ଭାବେ ଆଗାମୀ ଦିନରେ କି କି କର୍ତ୍ତବ୍ୟ କରିବାକୁ ହେବ, ତାହା କୁମାରୀ ମାନଙ୍କଠାରୁ ଶିଖିବାକୁ ପଡ଼ିଥାଏ ଏହି ରଜପର୍ବ ପାଳନ ଅବସରରେ। କୁମାରୀମାନେ ରଜପର୍ବ ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାର ସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳ ଝିଅଟିଏ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ ଏହି ଆଚାର ସହିତା ତାକୁ ସହାୟ ହୋଇଥାଏ। ଧରଣୀମାତା ଶସ୍ୟ ଶ୍ୟାମଳପୂର୍ଣ୍ଣ ହେବାପାଇଁ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ଧରଣୀମାତାଙ୍କୁ। ଠିକ୍ ସେହିପରି ଝିଅ ବୋହୂମାନଙ୍କର ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବ କଳ୍ପନା କରାଯାଇଛି। ରଜପର୍ବ ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇ ପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ।



ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି କାମରେ ମାତନ୍ତି। ଅଭିଆଡ଼ି ଝିଅମାନେ ଶାଢ଼ି ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦି ସମୟ ଅତିବାହିତ କରିଥାନ୍ତି। ଏହି ଦିନ ଧରିତ୍ରୀ ମା'କୁ ସମ୍ମାନ ଦେଇ ଭୂଇଁ ଉପରେ କେହି ଚାଲିନଥାନ୍ତି। ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି। ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ଖିଆଯାଇଥାଏ।

## ଖାଲି ପାଦରେ ଚାଲିବା ମନା

ପରମ୍ପରା ଅନୁସାରେ ଏହି ଦିନରେ ଖାଲି ପାଦରେ ଭୂମି ଉପରେ ଚାଲିବାକୁ ମନା କରାଯାଇଥାଏ। କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟରେ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା ପିନ୍ଧି ଚଳପ୍ରଚଳ ହୁଅନ୍ତି।

## ବସୁମତି ସ୍ନାନ

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ ଏହା ବସୁଧା ମାତାଙ୍କ ଶୁଦ୍ଧ ସ୍ନାନ। ଏହା ଧରା ସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ। ବଡ଼ି ସକାଳୁ ଶିଳିପୁଆରେ ହଳଦୀ କନା ଗୁଡ଼ାଇ, ସିନ୍ଦୂର, କଜଳ ଲଗାଇ ଧରଣୀ ମାତାଙ୍କ ସ୍ୱରୂପ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ। ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନି ଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ଓ ପବିତ୍ର ହୋଇଥାନ୍ତି। ମାର୍ଗଶୀର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଢ଼ି ଏହି ଦିନ ଖୋଲା ହୋଇଯାଇଥାଏ। ରଜସ୍ୱଳା ନାରୀ ସଦୃଶ ତିନି ଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ। ଏହି ଦିନ ରଜ ପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ।



ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧ ସ୍ନାନ ପରେ ସୃଜନ କ୍ଷମତାଶୀଳ ଅର୍ଥାତ ଶସ୍ୟ ବୀଜ ଧାରଣକାରରିଣୀ ହୋଇପାରିଥାନ୍ତି।

## ରଜଗୀତ

ରଜଗୀତ ଏହି ପର୍ବରେ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଁ ଗହଳିରେ ଜନ୍ମ ନେଇଥିଲା। ଲୋକଙ୍କ ମୁଖରେ ବୋଲା ଯାଉଥିବା ଏହି ଗୀତ ପରେ ବିଭିନ୍ନ ସମୟରେ ଲିପିବଦ୍ଧ ହୋଇଥିଲା। ମୁଦ୍ରିତ ପୁରାତନ ପ୍ରକାଶନ ଗୁଡ଼ିକ ମଧ୍ୟରୁ ୧୯୪୯ ମସିହାରେ ପ୍ରକାଶିତ ପହିଲି ରଜ ଓ ୧୯୫୨ ମସିହାରେ ପ୍ରକାଶିତ ମାଗୁଣି ମହାପାତ୍ରଙ୍କ ରେକର୍ଡ଼ ରଜଦୋଳି ଗୀତ ଅନ୍ୟତମ। ପୁରା ଗୀତର ପ୍ରଥମ ପଙ୍‌କ୍ତି ଜଣାଶୁଣା।

ବନସ୍ତେ ଡ଼ାକିଲା ଗଜ ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ ଘେନି ନୂଆ ସଜବାଜ।

## ରଜଦୋଳୀ ଗୀତ

ବନସ୍ତେ ଡ଼ାକିଲା ଗଜ ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ ଘେନି ନୂଆ ସଜବାଜ।
ରାଶିରୁ ଛିଡ଼ିଲା ଚୋପା, ଗୋଡ଼ରେ ନାଇଛୁ ସରୁ ଅଳତା ଲୋ
ମଥାରେ ସିନ୍ଦୂର ଟୋପା।
ଉଡ଼ିଲା ଶୁଆ ନାହାକା, ଦୋଳିଟା କାହିଁକି ଲାଗୁଛି ଏକା ଲୋ,
କାହା ବିନା ଏକା ଏକା।
ପାଚିଲା କଇଁଚ କୋଳି, ବେକରେ ନାଇଛି ଗଜରା ମାଳି ଲୋ,
ଝୁଲାଅ ରଜର ଦୋଳି।
ପଣସ ପାଚିଲା ବନେ, ବନ ପୋଡ଼ିଗଲେ ଦୁନିଆ ଜାଣେ ଲୋ,



ମନକଥା କିଏ ଜାଣେ।
--------------
ଗରଜେ କଳା ବଉଦ, ମୋତେ ତ ବରଷ ହେଲା ଚଉଦ ଲୋ,
ଗଲାଣି ପିଲା ସୁଆଦ।
ବଇଁଶୀ ବାଜିଲା କୁଞ୍ଜେ, ବଡ଼କଥା ବଡ଼ ଲୋକଙ୍କୁ ସାଜେ ଲୋ,
ଛୋଟ କଲେ ଛାଟ ବାଜେ।
ଲାଞ୍ଜ ଟେକିଗଲା ବାଘ, ନଇଁ ଚାଲୁଥିବ ବଡ଼ଙ୍କ ଆଗେ ଲୋ,
ଲାଗିବ ନାହିଁଟି ଦାଗ।
ଛତୁ ଫୁଟେ ବରଷାରେ, ଛତରାଟା କେତେ ଛଇ ଦେଖାଉରେ,
ଅଛି କି ତୋ ଭରଷାରେ।
କରଡ଼ି ଖସିଲା ଆମ୍ବ, ପର କାହୁଁ ଘର ପରାଣୀ ହେବେରେ ମନ,
କାଣି ଖଞ୍ଜି ଦେବ।
ବିରାଡ଼ି ଛିଙ୍କିଲା ବଣେ, ଆଗରେ ଯାଉଛି ନାଗରେ ଜଣେ ଲୋ,
ମୁଣ୍ଡି ଝାଡୁ ଖାଲି ପଣେ।
ଅଦିନେ ପଣସ ସିଠା, ବଚନରେ ଯାହାର ନଥାଏ ମିଠାଲୋ,
ସେଟା ବାଡ଼ ପକା କଣ୍ଟା।
ପାହାନ୍ତି ରାବିଲେ ପେଚା, ଯିଏ ହୋଇଥିବ ସିଂହର ବଚା ଲୋ,
ନ ଦେବ ପଛ ଘୁଞ୍ଚା
ମଇଁଷି ଶିଙ୍ଗରେ ଖସା, ମଉସା ପୁଅଟା ଏଡ଼େ ସହସା ଲୋ
ମତେ କଲା ଲୋକହସା।
ଜାରା ମାରିଦେଲା ବାଣ ଯାହାଠାରେ ଯାଇ ମିଶିଛି ମନ ଲୋ,
ସେହି ଜାଣେ ତାର ଗୁଣ।
କାଟି କଲି କଳା ଦୁବ, ଝିଅ ଜନମରେ ଏତିକି ଲାଭ ଲୋ
ବନ୍ଧୁ ଘର ଅରଜିବ।
କାଳୀ ଗାଈ ଦୁଧ କ୍ଷୀରି, ନୂଆ ପୀରତିରେ ମଉଜ ଭାରି ଗୋ,
ପୁରୁଣାଟି ନିମ୍ବ ପରି।

## ରଜ ପାନ

ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା। ପ୍ରୀତିର ବନ୍ଧନ ହେଉଛି ପାନ। ପ୍ରୀତି, ପ୍ରେମ ଓ ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି। ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା। ଭୋଜନ ଶେଷାର ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା। ଓଡ଼ିଆଙ୍କ ଠାକୁର ବଡ଼ ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି। ପାନ ହେଉଛି ମୁଖବାସ, ପରିତୋଷ। ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରେ। ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମି ନାଶକ। ପାନରେ ଦିଆଯାଇଥିବା ଚୂନ ଲୌହ ଶକ୍ତି ପୂର୍ଣ୍ଣ (କ୍ୟାଲସିୟମ୍) ଓ ଖଇର ଦାନ୍ତକୁ ମଜବୁତ୍ କରିଥାଏ। ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ। କାରଣ ପାନ ଶିରା ହେଉଛି ବୁଦ୍ଧି ବିନାଶନୀ। ରଜ ପାନର ଚମକ ଓ ମହକ ସାରା ବର୍ଷର ପାନକୁ ବଳିଯାଏ, ରଜ ଆଭୁଷଣକୁ ଆହୁରି ମୁଗ୍ଧକର କରିଥାଏ। ରଜ ପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, ପାନ ମହୁରି , ଖଇର ପରି ୧୦-୧୨ ପ୍ରକାରର ମସଲା ବ୍ୟବହୃତ ହୁଏ। ଏହାକୁ ବିଭିନ୍ନ ରଙ୍ଗରେ ତ୍ରିଭଙ୍ଗୀ, ଚଉଭଙ୍ଗୀ ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବରେ ଥାଳିରେ ସଜାଇ ଦିଆଯାଏ। ସାଧାରଣ ଦିନର ପାନଠାରୁ ରଜ ପାନର ସ୍ୱାଦ ସ୍ୱତନ୍ତ୍ର। ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଏ।

## ପିଠାପଣା

ଚୁଲି ଲଗାଇ ନିୟମିତ ରୋଷେଇ କରିବା ମହିଳାଙ୍କ କାର୍ଯ୍ୟ। ଯେହେତୁ ରଜରେ ଧରଣୀ ମାତାଙ୍କୁ ବିଶ୍ରାମ ଦିଆଯାଏ, ତେଣୁ ରଜ ପୂର୍ବଦିନ ପହିଲି ରଜରେ ବହୁ ରମକମର ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଓ ଅଧିକ ଦିନ ରହିଥାଏ। ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଏକାଠି ଖାଇ ସମସ୍ତେ ମଜା କରିଥାନ୍ତି।

‘ ଚକୁଳି ପିଠା: ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ବହଳିଆ ମଣ୍ଡକୁ ତାୱାରେ ତିଆରି କରାଯାଏ।

‘ ପୋଡ ପିଠା: ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ଆଣକୁ କଦଳୀ ପତ୍ରରେ ବାନ୍ଧି ଚୁଲିରେ ରାତି ସାରା ପୋଡ଼ି ପ୍ରସ୍ତୁତ କରାଯାଏ। ଏହାକୁ ୩ ରଜ ଦିନ ଖିଆଯାଏ।

## କେଉଁଠି ଓ କେମିତି ପାଳନ ହୁଏ

ରଜପର୍ବ କେନ୍ଦୁଝର ଓ ମୟୂରଭ ଜିଲ୍ଲାରେ ଖୁବ୍ ଧୁମ୍‌ଧାମ୍ ଓ





ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ମାଟି ପିତୁଳାରେ ବରକନ୍ୟା ନିର୍ମାଣ କରାଯାଇ ବିବାହ ଉତ୍ସବ କରାଯାଏ। ଆଦିବାସୀମାନେ ନୃତ୍ୟର ତାଳେ ତାଳେ ନାଚ କରିଥାନ୍ତି। ଆଉ ମଧ୍ୟ ଓଡ଼ିଶାର ଅର୍କ କ୍ଷେତ୍ରରେ ଭଗବତୀ ପୀଠରେ ଥିବା ଶତାଧିକ ରଜଦୋଳି ପାରମ୍ପାରିକ ପ୍ରତିଯୋଗିତା ସହ ଓଡ଼ିଆ ଖାଦ୍ୟ ପୁଣି ବିଦେଶୀ ପର୍ଯ୍ୟଟକଙ୍କ ଭିତରେ ରଜ ମଉଜ ସତରେ ନିଆରା। ବସୁମତୀ ସ୍ନାନ ସହ ରଜପର୍ବର ପାଳନ ଶେଷ ହୁଏ। ଗାଁର ଆବାଳ ବୃଦ୍ଧବନିତା ଶୋଭାଯାତ୍ରାରେ ଯାଇ ରଜକୁ ବାଟୋଇ ଆସିଥାନ୍ତି। ରଜପର୍ବର ପୋଡ଼ପିଠା ହେଉଛି ଉତ୍କଳୀୟ ସାଂସ୍କୃତିର ଏକ ଅଂଶ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟେହ ପୋଡ଼ପିଠା ଲାଗିହେବାର ପରମ୍ପରା ବହୁ ଦିନରୁ ପ୍ରଚଳିତ। ସମ୍ଭବତଃ ଉକ୍ତ ପରମ୍ପରା ପୋଡ଼ପିଠାର ପ୍ରତିଫଳିତ।

ଆଜିକାର ଦିନରେ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁସରଣ ଯୋଗୁଁ ରଜପର୍ବ ତା'ର ସକଳ ସୌକୁମାର୍ଯ୍ୟକୁ ହରାଇ ବସିଛି। ହଁ କିଛି କିଛି ସ୍ଥାନରେ ଝିଅମାନେ ନୂଆ ପୋଷାକ ପିନ୍ଧୁଛନ୍ତି, କିନ୍ତୁ ନା ଅଛି ଅଳତା ନାଁ କଦଳୀ କି ଗୁଆ ଖୋଳପାର ଜୋତା। ସେମାନେ ନା ଖାଉଛନ୍ତି ପୋଡ଼ପିଠା। ହୋଟେଲରେ ପିଜା ଖାଇ ଆନନ୍ଦ ନେଉଛନ୍ତି। ଆମର ପରମ୍ପରାଟି ଏକ ଅନ୍ଧ ଗହଳିରେ ପହଂଚି ବାଟ ଭୁଲି ଯାଉଛି। ଓଡ଼ିଆ ଜାତି ଗଣପର୍ବ ଆଉ ଗଣରେ ହୋଇ ରହିନାହିଁ। ଏହା ସତ୍ତ୍ୱେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ସଚେତନ ବର୍ଗ ଅନୁଷ୍ଠାନ ଓ ଗଣମାଧ୍ୟମ ଏହାକୁ ପୁନର୍ଜୀବିତ କରିବାକୁ ଚେଷ୍ଟା କରୁଛନ୍ତି। ରଜପର୍ବ ମଣିଷ ଭିତରେ ସ୍ନେହ, ଶ୍ରଦ୍ଧା ଓ ସଂପ୍ରତି ହୃଦୟରେ ଲଗାଉ ଭଲ ପାଇବାର ପଣ ଓ ଆପଣେଇ ନେବାର ଛନଛନିଆ ଚାରା। ତଥାପି ବଞ୍ଚି ରହିବ ଓଡ଼ିଶାର ସଂସ୍କୃତି ଓ ପରମ୍ପରା। ଏହି ପର୍ବ ଭିତରେ ରଜା ଆମ ରଜପର୍ବ। ମିଠା ମିଠା ସ୍ମୃତି ବାଣ୍ଟି ଦେଉ ସଭିଙ୍କ ମନ ହୃଦୟରେ।

**ଷଠିପୁର, ରାଣୀଗୋଡ଼ା, ଯାଜପୁର**
**ମୋ- ୭୮୪୯୦୧୫୧୨୭**



## ମନକୁ ଆସିଲା ଯାହା ୭୩

# ଖୁସି ପାଣ୍ଠିର ଖର୍ଚ୍ଚ...

**ସୌମ୍ୟଶ୍ରୀ ପାଣିଗ୍ରାହୀ**



କର ବାବୁ ଆମ ପଡୋଶୀ। ୬୫ ଚାଳିଲା। ଖୁବ ସୁନ୍ଦର ମେଳାପୀ ଲୋକ। କଲୋନୀ ସାରା ସବୁକଥାରେ ତାଙ୍କରି ଉଦାହରଣ ଦିଆଯାଏ। ଏକ ରାଷ୍ଟ୍ରାୟତ୍ତ କମ୍ପାନୀରେ ପ୍ରାୟ ୩୫ ବର୍ଷ ଚାକିରୀ କରି ଅବସର ଗ୍ରହଣ କଲେ। ନିଜ ପଇସାରେ ସୁନ୍ଦର ଘରଟିଏ ବନେଇଛନ୍ତି। ଏକମାତ୍ର ପୁଅକୁ ଆଇଆଇଟିରେ ପଢେଇଛନ୍ତି। ବାହାଘର ବି ଖୁବ ଧୁମଧାମରେ କରିଛନ୍ତି। ସକାଳେ ମର୍ଣ୍ଣିଂଓ୍ବାକରେ ଯାଆନ୍ତି କୁକୁର ଧରି। କିଛିବାଟ ବୁଲାବୁଲି କରି, ଫୁଲତୋଳି ଘରକୁ ଫେରନ୍ତି। ଆମ ସମସ୍ତଙ୍କ ପାଇଁ ସେ ଏକ ଆଦର୍ଶ। ଆଜି ତାଙ୍କ ପାଖରେ ନିଜର ଘରଟେ ଅଛି, ବ୍ୟାଙ୍କରେ ୩ କୋଟିର ଫିକ୍ସଡ ଡିପୋଜିଟ, ପୁଣି ପିପିଏଫ୍, ମିଚ୍ୟୁଆଲ ଫଣ୍ଡ ଆଉ ଷ୍ଟକ ମାର୍କେଟରେ ବି ବେଶକିଛି ନିବେଶ କରିଛନ୍ତି। ମୋଟାମୋଟି ଏବେ ଏକ ଆରାମଦାୟକ ଜୀବନ ବିତେଇବାକୁ ସେ ହକଦାର। ଅବସର ପରେ ନିଜ ଜୀବନକୁ ନିଜ ବାଗରେ ବିତେଇବାକୁ ସେ ଯୋଗ୍ୟ। ପୁଣି କାଗଜକଲମରେ ଦେଖିଲେ ସେ ଜଣେ କୋଟିପତି। ଅପର୍ଯ୍ୟାପ୍ତ ପଇସା ଓ ଅୟସ ଆରାମର ସବୁତକ ସାଧନ ତାଙ୍କ ହାତପାଆନ୍ତାରେ ଉପଲବ୍ଧ। ମାତ୍ର ଅସଲ ଜୀବନରେ.. ? ? ଅପ୍ରେଲ ମାସର ରାତି। ବାହାରେ ପ୍ରଚଣ୍ଡ ଗୁଳୁଗୁଳି। ବିଛଣାରେ ଶୋଇଲେ ବି ଦେହ ଭିଜି ଯାଉଛି ଝାଳରେ। ହଠାତ ତାଙ୍କର ନିଦ ଭାଙ୍ଗିଗଲା, ଆଖି ଖୋଲିଗଲା। ମୁଣ୍ଡ ଉପରେ ପଙ୍ଖା ବୁଲୁଛି ଧୀରେ ସୁସ୍ଥେ। ଏସି ବନ୍ଦ ଅଛି। ମନେମନେ ଭାବିଲେ, ଏବେ କିଛିସମୟ ଏସି ଚଲେଇଦିଏ, ଘର ଥଣ୍ଡା ହେଇଗଲେ ବନ୍ଦ କରିଦେବି। ଏୟା ଭାବି ସେ କଡ ଲେଉଟେଇଲେ। ପିଠିପଟର କୁର୍ତ୍ତା ଝାଳରେ ଓଦା ହେଇସାରିଥିଲା। କିଛିଦିନ ପରେ ହଠାତ ଦିନେ ସକାଳେ ଆଣ୍ଠୁରେ ଯନ୍ତ୍ରଣା ଆରମ୍ଭ ହେଲା। ଡାକ୍ତର କହିଲେ 'କରବାବୁ, ଆଣ୍ଠୁ ଆଜିକାଲି ପୁଣିଥରେ ଲଗେଇହେଉଛି, ଆପଣ ବି' ଲଗେଇ ଦିଅନ୍ତୁ, ଦେଖିବେ ପୁଣି ଚଲାବୁଲା କ'ଣ...ଦୌଡ଼ାଦୌଡ଼ି ବି କରିପାରିବେ। କରବାବୁ କିଛି ନକହି ଚୁପଚାପ ସେ ରିପୋର୍ଟକୁ ମୋଡ଼ିମାଡ଼ି ବ୍ୟାଗରେ ରଖିଦେଲେ। ଏବେ ତ' ଚାଲିବୁଲି ପାରୁଛି, ଅଯଥାରେ ୫-୬ ଲକ୍ଷ ଟଙ୍କା କିଏ ଖର୍ଚ୍ଚ କରିବ। ବ୍ୟାଙ୍କରେ ଥିଲା ୩ କୋଟି ଟଙ୍କାର ଡିପୋଜିଟ୍, କିନ୍ତୁ ମନରେ ସବୁବେଳେ ଚିନ୍ତା, କାଲିକୁ କିଛି ହେଇଯିବ ତ' କଣ ହେବ... ? ପଇସା କେଉଁଠୁ ଆସିବ ? ଏମିତି କହିକହି ସବୁ ଖୁସିକୁ କିଛିଦିନ ପଛକୁ ଟାଳିଦେଉଥିଲେ କରବାବୁ।

ଗତମାସ ପୁଅ ଆସିଥିଲା ଆମେରିକାରୁ। ମାଇକ୍ରୋସଫ୍ଟରେ ସଫ୍ଟଓ୍ବେର ଇଂଜିନିୟର, ଛୁଟି ଅଳ୍ପ ଦିନର ନେଇ ଆସିଥାଏ। କହିଲା, 'ବାପା, ଚାଲ ବୈଷ୍ଣୋଦେବୀ ଯିବା। ସବୁବେଳେ କହୁଥିଲ ଆଣ୍ଠୁରେ ଦରଜ ହେଉଛି ମୁଁ ଫ୍ଲାଇଟ୍‌ରେ ଟିକେଟ ବୁକ୍ କରିଦେଉଛି।' କର ବାବୁ ଚିହିଁକି ଉଠିଲେ, 'ପାଗଳ ହେଲୁ ନା କଣ.. ? ୨୦୦୦୦ ରେ ଗୋଟେ ଟିକେଟ। ଅଯଥା ଖର୍ଚ୍ଚ କାହିଁକି କରିବା। ବରଂ ଟ୍ରେନରେ ଚାଲିଯିବା। ସ୍ଲିପରରେ ମାତ୍ର ୬୦୦ ଟଙ୍କା ଦେଇ ପୁରା ୨୦ ଘଣ୍ଟା ଶୋଇଶୋଇ ଯିବା।' ଶେଷରେ ସେୟା ହିଁ ହେଲା। ବାଟଯାକ ଗରମରେ କୁନ୍ଥେଇ କୁନ୍ଥେଇ ଗଲେ। ଉପରକୁ ଯାଇପାରିଲେନି ଯେ, ଦୂରରୁ ହିଁ ଦର୍ଶନ କଲେ। ଶିଡିରେ ଯାଇପାରିଲେନି କି ପୁଅ କହିଲେ ମଧ୍ୟ ଘୋଡ଼ାରେ ଚଢ଼ିଲେନି। ପ୍ରତିଟି ଖୁସିକୁ ସେ କାଲିକୁ ଟାଳିଦେଉଥିଲେ। ବ୍ୟାଙ୍କ ଜମାରୁ ମାସିକ ସୁଧ ଆସିଯାଉଥିଲା, ସେଇଥିରେ ଘର ଚଳିଯାଏ। ମନରେ ବଦ୍ଧମୂଳ ଧାରଣା, ମୂଳଧନକୁ ହାତ ବି' ମରାଯିବନି, ପାପ ଲାଗିବ। ସେଗୁଡା ପିଲାଙ୍କ ଭବିଷ୍ୟତ ପାଇଁ ରହିବ। ପୁଅକୁ ଏବେ ୪୫ ବର୍ଷ। ନିଜ ଯୋଗ୍ୟତାରେ ବିଦେଶରେ ଏକ ବିରାଟ କମ୍ପାନୀରେ ଉଚ୍ଚପଦସ୍ଥ କର୍ମଚାରୀ। ତାକୁ ପଇସାର କ'ଣ ବା ଆବଶ୍ୟକତା ? କିନ୍ତୁ ତା'ର ଗୋଟିଏ ଇଚ୍ଛା, ବାପା ସବୁବେଳେ ଭଲରେ ରୁହନ୍ତୁ, ସବୁବେଳେ ହସୁଥାନ୍ତୁ..!!

ଦିନେ ବୃଦ୍ଧାଶ୍ରମରେ କର ବାବୁଙ୍କ ସାଙ୍ଗ ଦାସବାବୁ ଦେଖା ହେଇଗଲେ। ମାତ୍ର ୨ ବର୍ଷ ବଡ଼। ପୁଅଝିଅ କେହି ପାଖରେ ନାହାନ୍ତି ବୋଲି, ନିଜେ ଚାଲିଆସି ବୃଦ୍ଧାଶ୍ରମରେ ରହୁଛନ୍ତି। ଏଇ ଅଳ୍ପଦିନ ତଳେ ସ୍ୱିଜରଲ୍ୟାଣ୍ଡରୁ ବୁଲିକି ଫେରିଛନ୍ତି। ସେ କରବାବୁଙ୍କ ପିଠିରେ ହାତ ଥାପୁଡ଼େଇଦେଇ କହିଲେ,'ଏବେ ୬୭ ଚାଲିଲା, କାଲିକୁ କିଏ ଦେଖିଛି, ଭବିଷ୍ୟତର କ'ଣ ବା ଭରସା... ? ମୁଁ ନିଜର ଗୋଟେ 'ଖୁସିପାଣ୍ଠି' ବନେଇଛି। ୧୫ ଲକ୍ଷ ଟଙ୍କା ଅଲଗା କରି ରଖି ଦେଇଛି। ନିୟମ କେବଳ ଗୋଟେ। ଏଇଟା ଖାଲି ମନଇଚ୍ଛା ଖର୍ଚ୍ଚ କରିବା ପାଇଁ ଅଛି। ସେଇଥିରୁ କିଛି ବାହାର କରି, ପ୍ରତିବର୍ଷ ମୁଁ ଗୋଟେ ଦେଶ ବୁଲିବାକୁ ଯାଏ। ଏଥର ଯିବି ଅଷ୍ଟ୍ରେଲିଆ କି ଆଉ କୁଆଡ଼େ...! କରବାବୁ ଚମକି ପଡିଲେ, 'ଯଦି ପଇସା ସରିଗଲା ? ଘରଖର୍ଚ୍ଚ, ମେଡିକାଲର ଖର୍ଚ୍ଚ... ଏସବୁ ଆସିବ କେଉଁଠୁ.. ?' ଦାସବାବୁ ହସିଉଠିଲେ। କହିଲେ, 'ଆରେ ଭାଇ, ସମୁଦାୟ ପଇସାକୁ ୨ଟା ଭାଗ କରିଦିଅ। ଗୋଟେ ଭାଗରେ ଘରର ଯେତେକ ଜରୁରୀ ଖର୍ଚ୍ଚ, ମେଡିକାଲ ବିଲ, ସାରା ଜୀବନର ସୁରକ୍ଷା ପାଇଁ ଜମା ପୁଞ୍ଜି। ତାକୁ ଜନ୍ମାରୁ ହାତ ମାରିବନି। ସେ ସୁରକ୍ଷିତ ହେଇ ରହିଥାଉ, ଅଛୁଆଁ ହେଇ ପଡ଼ିଥାଉ..। ଆଉଗୋଟେ ଭାଗର ପଇସା ଖାଲି ମନଇଚ୍ଛା ଖର୍ଚ୍ଚ କରିବା ପାଇଁ...ବୁଲାବୁଲି କରି ନୂଆଜାଗା ଦେଖିବା। ଟ୍ରେନ ବଦଳରେ ପ୍ଲେନରେ ଯିବା, ସେ ପୁଣି ବିଜିନେସ କ୍ଲାସ। ୩୫ ବର୍ଷ ଚାକିରୀରେ ଯେତିକି ରୋଜଗାର କଲେ, ତାକୁ ପୁଣି ଖର୍ଚ୍ଚ କେବେ କରିବା। ଅନେକ କଷ୍ଟକରି, ଜୀବନ ଯାକ ଦୌଡ଼ିଦୌଡ଼ି ଯାହାକିଛି ରୋଜଗାର କରାହେଇଛି, ଟିକେ ଖୁସିରେ ବଞ୍ଚିବା ପାଇଁ। ତେଣୁ ୟେ 'ଖୁସିପାଣ୍ଠି' ଜୀବନକୁ ଜିଇଁବା ପାଇଁ। ସାରା ଜୀବନ ଯଦି ସଞ୍ଚୟ ପଛରେ ଦୌଡିବା, ତେବେ ଖର୍ଚ୍ଚ କେତେବେଳେ କରିବା...!

ଏଥର କରବାବୁ ଚମକି ଉଠିଲେ, 'ଆରେ ସତେ'ତ..ମୁଁ କେଡେ ବୋକାଟିଏ ରେ। ଖାଲି ସଞ୍ଚୟ କରିଚାଲିଛି। ମଲାବେଳେ କଣ ସେ ପଇସାକୁ ସ୍ୱର୍ଗକୁ ନେଇଯିବି... ?' ହୁଏତ ଏଇଟା, ନିଜେ ଲଗେଇଥିବା ଗଛକୁ କାଟିପକେଇବା ସହ ସମାନ ଲାଗିପାରେ, କିନ୍ତୁ ସାରାଜୀବନ ସେଇ ଗଛରେ ପାଣି ଦେଇ ବଡ଼ କରିଛି ପରା। ଏବେ ଯଦି ଆବଶ୍ୟକତା ବେଳେ ନକାଟିବି, ଫଳ ନଖାଇବି, ତେବେ ଆଉ କେତେଦିନ ଅପେକ୍ଷା କରିବି... ? ସାରା ଜୀବନର 'ସଞ୍ଚୟ'ର ସ୍ୱିଚକୁ ଏବେ 'ଖର୍ଚ୍ଚ'ର ସ୍ୱିଚ୍‌କୁ ଆଣିବାକୁ ହେବ। ଯେତେ ପଇସା ସଞ୍ଚିଥିଲେ ବି ମନକୁ ମାରି ବଞ୍ଚିବାଠାରୁ ଆଉ ବଡ ଦୁଃଖ ନାହିଁ। ମୁଁ ଆଜିଠୁଁ ହିଁ ମୋ ଜୀବନ ଗାଡ଼ିର ଗିୟର ବଦଳେଇବି। ସ୍ୱିଚ ବଦଳେଇବି ସଞ୍ଚୟରୁ ଖର୍ଚ୍ଚକୁ..!! ସିଧାଗଲେ ନିଜ ବ୍ୟାଙ୍କକୁ। ଫିକ୍ସଡ୍ ଡିପୋଜିଟ୍‌ରୁ କିଛି ଭାଙ୍ଗିଲେ। ବନେଇଲେ ନିଜର 'ଖୁସିପାଣ୍ଠି'...୧୫-୨୦ ଲକ୍ଷ ରଖିଲେ, ନିଜ ସଉକରେ ବୁଲାବୁଲି ପାଇଁ। ୫-୧୦ ଲକ୍ଷ ଦାନ କଲେ ବୃଦ୍ଧାଶ୍ରମରେ। ଫୋନ କଲେ ପୁଅକୁ 'ତୁ ପାଖକୁ ଆସିଯା। ଆମେ ଯିବା ବୁଲିବାକୁ ବୈଷ୍ଣୋଦେବୀ। ମୁଁ ପଇସା ଦଉଛି, ତୁ ହେଲିକାପ୍ଟରର ଟିକେଟ ବୁକ କର।' ଆଣ୍ଠୁର ପ୍ରତିରୋପଣ ବି କରେଇଦେଇ ଆଜିକାଲି ବେଶ କିଛିବାଟ ଚାଲିଯାଇପାରୁଛନ୍ତି କର ବାବୁ। ଧଳା ହେଇଯାଇଥିବା ମୁଣ୍ଡର ବାଳକୁ ପୁଣି କଳା କରି, ଜିନ୍ସ ଓ ଟି-ସାର୍ଟ ପିନ୍ଧି ବାହାରକୁ ବାହାରିଲେ, ଆଉ ବିଲକୁଲ ଚିହ୍ନି ହେଉନି। ଘରେ ଏବେ ରାତିସାରା ଏସି ଚାଲୁଛି, ବିଜୁଳୀ ବିଲକୁ ଭୟ ନାହିଁ। ଫ୍ୟାନ ଏବେ ଫୁଲ ସ୍ପିଡ୍‌ରେ ବୁଲୁଛି। ବୁଢାବୟସରେ ବି କରବାବୁଙ୍କ ଯୁବସୁଲଭ ଠାଣୀ ଦେଖି ପଡୋଶୀ ମାନେ ବି କୁହାକୁହି ହେଲେଣି। ଏଥକୁ ପରବାୟ ନାହିଁ କରବାବୁଙ୍କର। ବରଂ ସେ କହୁଛନ୍ତି, ମନରେ ଯେବେ ବିଶ୍ୱାସ ଅଛି ଯେ, ସଞ୍ଚିତ ଅର୍ଥର ସିଂହଭାଗ ସୁରକ୍ଷିତ ଅଛି, ତେବେ ଖୁସିର ପାଣ୍ଠିରୁ ଖର୍ଚ୍ଚ କରିବାରେ ଡର କାହିଁକି.. ?

ଏବେ ପୁଣି ନିଜସାଙ୍ଗ ମାନଙ୍କ ସହ ମିଶି ଆସନ୍ତା ମାସ ଭିଏତନାମ ବୁଲିବାକୁ ଯିବେ ବୋଲି ଆଗୁଆ ପଇସା ଦେଇସାରିଲେଣି ଗୋଟେ ଟ୍ରାଭେଲ ଏଜେଣ୍ଟକୁ। ପୁଅ ଏବେ ଭାରି ଖୁସି। ଯା'ହେଉ ବାପାଙ୍କ ମୁହଁରେ ଏବେ ହସ ଖେଳିଛି। ଜୀବନଯାକ ଯିଏ ଆମପାଇଁ ଖଟିଖଟି ସଞ୍ଚୟ କରିଛି, ଏବେ ସେ ତା'ର ଫଳ ଖାଉଛି। ପ୍ରକୃତରେ ୧୦୦ ବର୍ଷ ବଞ୍ଚିବାର ଆଶାରେ ଆମେ ସଞ୍ଚୟ କରିଚାଲୁ ଯେ, ହେଲେ ମନଭରି ଖର୍ଚ୍ଚକରିବାକୁ ସମୟ ପାଉନା, ଜୀବନ ହଠାତ ଦିନେ ସରିଯାଏ। ପିଲାବେଳେ ସମୟ ପ୍ରଚୁର ଥାଏ ହାତରେ, ଇଚ୍ଛା ବି ଥାଏ ବହୁତ କିଛି କରିବାକୁ, କିନ୍ତୁ ହାତରେ ପଇସା ନଥାଏ। ଯେବେ ବଡ଼ହେଇ ଚାକିରୀ କରେ ମଣିଷ, ସେତେବେଳେ ଥାଏ ମନରେ ପ୍ରବଳ ଇଚ୍ଛା ଆଉ ହାତରେ ବି ଢେର ସାରା ପଇସା, କିନ୍ତୁ ଛୁଟିନେଇ ବୁଲିବାକୁ ଯିବା ପାଇଁ ସମୟ ନଥାଏ। ଯେତେବେଳେ ମଣିଷ ଅବସର ନିଏ, ସେବେ ଖାଲି ସମୟ ହିଁ ସମୟ ଥାଏ। ପଇସା ବି' ବେଶ କିଛି ସଞ୍ଚିସାରିଥାଏ ସେ। କିନ୍ତୁ ଦେହରେ ବଳ ନଥାଏ କି ମନରେ ନଥାଏ ବଣ ପାହାଡ ଜଙ୍ଗଲ ବୁଲିବାର ଇଚ୍ଛା।

ଅତଏବ ଇଚ୍ଛା, ଅର୍ଥ ଓ ସମୟ...ଏସବୁର ଏକ ସାର୍ଥକ ସମନ୍ୱୟକୁ ଅପେକ୍ଷା କରିକରି ଆମେ ବିତେଇଦେଉ ତମାମ ଜୀବନ। ସେଇ ଇପ୍ସିତ ମୁହୂର୍ତ୍ତଟି କେବେବି ଆସେନାହିଁ। ବୟସ ସରିଯାଏ। ଜୁଇକୁ ଯିବାବେଳେ କ'ଣ ବୁଲିବାକୁ ଯିବା। କିନ୍ତୁ ମନେରଖିବାକୁ ହେବ, ନିଜର ଖୁସିପାଇଁ ଖର୍ଚ୍ଚ କରିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ। ରାଜା ଭର୍ତ୍ତୃହରି ଯେମିତି ଖୁସିର ସନ୍ଧାନରେ ହଠାତ ବାହାରିଯାଇଥିଲେ, ଆପଣ ବି' ସେମିତି ନିଜ ପାଇଁ ସ୍ଥିର କରନ୍ତୁ କେତୋଟି ଲକ୍ଷ୍ୟ ଏବଂ ବାହାରି ଯାଆନ୍ତୁ ନିଜ ଖୁସିର ସନ୍ଧାନରେ। ନିଜ ସଞ୍ଚୟ ଗଛରୁ କେଇଟା ଡାଳଖର୍ଚ୍ଚ କରିଦେଲେ ଅବସୋସ ନାହିଁ କିନ୍ତୁ ମନର ଇଚ୍ଛାକୁ ମନରେ ମାରି ଜୀବନକୁ ସାରିଦେବାର କିଛି ମାନେ ବି ନାହିଁ। ଏଣୁ ସୁଧିଜନେ...ଜୀବନର ଗିୟର ବଦଳାନ୍ତୁ। ସଞ୍ଚୟର ସ୍ୱିଚ୍‌କୁ ଖର୍ଚ୍ଚର ସ୍ୱିଚରେ ପରିବର୍ତ୍ତନ କରନ୍ତୁ। ଉପଭୋଗ କରନ୍ତୁ ଜୀବନର ପ୍ରତିଟି ମୁହୂର୍ତ୍ତକୁ...ନାଁ କଣ କହୁଛନ୍ତି...!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ରଜ ପାଇଁ ସଜବାଜ

**ଓଡ଼ିଶାରେ ଗଣପର୍ବ ଭାବେ ପରିଚିତ ରଜ। ତିନିଦିନଧରି ଏହି ପର୍ବକୁ ସହରଠାରୁ ଗାଁ ସବୁ ସ୍ଥାନରେ ପାଳନ କରାଯାଏ। ବେଶ୍ ହର୍ଷ ଓ ଉଲ୍ଲାସରେ ସମସ୍ତେ ଏହାକୁ ଉପଭୋଗ କରନ୍ତି। ସାଧାରଣତଃ ଯୁବତୀମାନେ ଏହି ଦିନେ ନୂଆ ଡ୍ରେସ୍ ପିନ୍ଧି ସଜବାଜ ହୋଇ ଦୋଳି ଖେଳିବା ସହ ସାଙ୍ଗମାନଙ୍କ ସହିତ ବୁଲାବୁଲି କରିଥାନ୍ତି। ରଜକୁ ଆଖିରେ ରଖି ଅନେକ ଦିନ ଆଗରୁ ବଜାରରେ ଭଳିକି ଭଳି ଡ୍ରେସ୍ ଏବଂ ଅନ୍ୟାନ ଜିନିଷ ପାଇଁ ଭିଡ଼ ରୁହେ।**

## ପୋଷାକ

ଯୁବତୀମାନେ ରଜରେ ଶାଢ଼ି, ସାଲୱାର, ଲେହେଙ୍ଗା, ଓ୍ବେଷ୍ଟର୍ଣ୍ଣ ଭଳି ପୋଷାକ କିଣିଥାନ୍ତି। ସାଧାରଣତଃ ଯୁବତୀମାନଙ୍କ ପ୍ରଥମ ପସନ୍ଦ ହୋଇଥାଏ ସାଲୱାର। ଆଜିକାଲି ବଜାରରେ ବିଭିନ୍ନ ଡିଜାଇନ୍‌ର କଟନ ଓ ଫ୍ୟାନ୍ସି ସାଲୱାର ମିଳୁଛି। ଯାହା ଆପଣଙ୍କୁ ଏକ ଏଥିନିକ ଓ ଏଲିଗଣ୍ଟ ଲୁକ୍ ଦେବାରେ ସାହାଯ୍ୟ କରେ। ସେହିଭଳି ଶାଢ଼ି, ଲେହେଙ୍ଗା ଏବଂ ସାଲାୱାର୍ ସୁଟ୍ ସହିତ ମ୍ୟାଚ୍ କରି ଜୁଏଲାରୀ ମଧ୍ୟ ପିନ୍ଧିପାରିବେ। ଏହା ଆପଣଙ୍କୁ ଏକ ପାରମ୍ପରିକ ଲୁକ୍ ଦେବ।



## କୁଙ୍କୁମ ଏବଂ ମେହେନ୍ଦି

ରଜରେ ଛୋଟ ବା ବଡ଼ ଯୁବତୀମାନେ ମଥାରେ କୁଙ୍କୁମରେ ସୁନ୍ଦର ଭାବରେ ଚିତ୍ର ଆଙ୍କିଥାନ୍ତି। ଯାହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ରଜର ଗୋଟିଏ ଦିନ ପୂର୍ବରୁ ଯୁବତୀମାନେ ହାତରେ ମେହେନ୍ଦି କରିଥାନ୍ତି। ବିଭିନ୍ନ ଡିଜାଇନ୍‌ର ଚିତ୍ର ଆଙ୍କି ଏହାକୁ ସଜାଇଥାଆନ୍ତି। କୁଙ୍କୁମ ସହିତ ମେହେନ୍ଦିର ମଧ୍ୟ କ୍ରେଜ୍ ଦେଖିବାକୁ ମିଳିଥାଏ। ଯାହା ରଜ ଲୁକ୍‌କୁ କମ୍ପ୍ଲିଟ୍ କରିଥାଏ।



## ଅଳତା

ରଜର ପାରମ୍ପରିକ ସଜବାଜରେ ଅଳତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଦିନେ ଝିଅ ବୋହୂ ସମସ୍ତଙ୍କ ପାଦରେ ଶୋଭା ପାଇଥାଏ ଅଳତା। ଯେକୌଣସ ପର୍ବ ହେଉ ପ୍ରଥମେ ଖୋଜା ପଡ଼ିଥାଏ ଅଳତା। ପାଦରେ ଅଳତା ଲଗାଇବା ପରେ ରଜର ସଜବାଜ ପୂରା ହୋଇଥାଏ। ପାଦକୁ ଅଧିକ ସୁନ୍ଦର କରିବା ପାଇଁ ଅଳତାରେ ଭିନ୍ନ ଭିନ୍ନ ଡିଜାଇନ୍‌ର ଚିତ୍ର ଆଙ୍କିଥାନ୍ତି। ଅଳତା ପାଦର ସୁନ୍ଦରତାକୁ ବଢ଼ାଇଥାଏ।



## ପାନ

ପାନ ବିନା ରଜ ପାଳନ ଅଧୁରା। ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର। ଛୋଟଠାରୁ ବଡ଼ ସମସ୍ତେ ଏହାକୁ ଖାଇ ରଜକୁ ଖୁବ୍ ମଉଜରେ ପାଳନ କରିଥାଆନ୍ତି। ଏହି ପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧନିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୂଆ, ପାନମଧୁରୀ, ସୁବାସିତ କେଶର, ଖଇର ପରି ୧୦ରୁ୧୨ ପ୍ରକାର ମସଲା ବ୍ୟବହୃତ ହୁଏ। ଏହାକୁ ବିଭିନ୍ ଢଙ୍ଗରେ ଯେମିତିକି ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଓ ଚେରି ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ।

ରୋଷେଇ ଘରୁ

# ପୋଡ଼ ପିଠା

### ଆବଶ୍ୟକ ସାମଗ୍ରୀ:

ଅରୁଆ ଚାଉଳ, ବିରି, କୋରା ନଡ଼ିଆ, ଛେନା, ଗୁଡ଼, ନଡ଼ିଆ ପାତି, ଗୁଜୁରାତି, କାଜୁ, ଘିଅ, ଲୁଣ, ଶୋରିଷ ତେଲ।

### ପ୍ରଣାଳୀ:

ରଜ ଆସିଲେ ସମସ୍ତଙ୍କର ମନେପଡ଼ିଥାଏ ପୋଡ଼ ପିଠାର ସ୍ୱାଦ। ରଜ ଆଉ ପୋଡ଼ ପିଠା ଯେପରି ଏକ ଅଭିନ୍ନ ଅଙ୍ଗ। ଗାଁ ହେଉ କିମ୍ବା ସହର ସବୁଠି ଦେଖିବାକୁ ମିଳେ ବିଭିନ୍ନ ପ୍ରକାରର ପୋଡ଼ ପିଠା। ଚାଉଳ, ବିରିକୁ ୩ରୁ୪ ଘଣ୍ଟା ଭିଜେଇ ରଖିବେ। ଏହାକୁ ଛାଣି ଗ୍ରାଇଣ୍ଡିଂ କରି ବଡ଼ ଜାଗାରେ କାଢ଼ି ଲୁଣ ଦେଇ ହାତରେ ଭଲ ଭାବେ ୪ମିନିଟ୍ ଗୋଳାଇ ନେବା ପରେ ୧୫ ମିନିଟ୍ ପାଇଁ ଘୋଡ଼ାଇ ରଖନ୍ତୁ। ଗୋଟିଏ ଗିନାରେ କୋରା ନଡ଼ିଆ, ଛେନା, ଗୁଡ଼କୁ ଗୋଳାଇ ପ୍ୟାନ୍‌ରେ ଘିଅ ଦେଇ ଏହାକୁ ଭାଜିବେ। ହାଲୁକା ଭାଜି ହେବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଲୁହା କଡ଼େଇରେ ସୋରଷ ତେଲ ଲଗାଇ ତା ଉପରେ କଦଳୀ ପତ୍ର ରଖିବେ। ସେହି କଦଳୀପତ୍ରରେ ତେଲ ଲଗାଇ ଆଣ ଉପରେ ପୂର ଦେବା ପରେ ପୁଣି ଆଣ ଦେବେ। ଏହା ଉପରେ ଭାଜି ରଖିଥିବା କାଜୁ ଏବଂ ନଡ଼ିଆ ପାତି, ଚେରିକୁ ଦେଇ ଘୋଡ଼େଇ ଦିଅନ୍ତୁ। ଗ୍ୟାସ୍‌କୁ ଧିମା ଆଞ୍ଚରେ ୭ରୁ୮ ରଖିବେ। ଶେଷରେ ପୋଡ଼ ପିଠାଟିକୁ ପ୍ଲେଟରେ କାଢ଼ି କାଟି ଖାଇବା ପାଇଁ ଦିଅନ୍ତୁ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ**: ସପ୍ତାହଟିରେ ଆର୍ଥିକ ସମସ୍ୟା ଦୂର ହେବ। ସମ୍ପତ୍ତି ସମ୍ବନ୍ଧ କାର୍ଯ୍ୟ ଦୂର ହେବ। ବ୍ୟବସାୟରେ ଲାଭବାନ ହେବେ। ମହିଳାମାନେ ସୁଖୀ ରହିବେ। ଦୂରଯାତ୍ରା କରିପାରନ୍ତି।

**ବୃଷ**: ସପ୍ତାହଟିରେ ବହୁଦିନର ବାଧା ବିଘ୍ନ ଦୂର ହେବ। ସୁସମ୍ବାଦ ପାଇବେ। ଆକସ୍ମିକ ଅର୍ଥ ଲାଭ ହୋଇପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ପାଇବେ। ବନ୍ଧୁ ସହାୟତା ମିଳିବ।

**ମିଥୁନ**: ସପ୍ତାହଟି ଚାକିରିରେ ଅଶାନ୍ତି ଦେଖାଦେଇପାରେ। ଉଚ୍ଚାଧିକାରୀଙ୍କ ସହ ସମ୍ପର୍କ ବୃଦ୍ଧିହେବ। ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ମିଳିବ। ପାରିବାରିକ ସହଯୋଗ ପାଇବେ।

**କର୍କଟ**: ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ବନ୍ଧୁ ସହଯୋଗ ମିଳିବ। ଦୂରଯାତ୍ରା ସଫଳ ହେବ। କର୍ମକ୍ଷେତ୍ରରେ ସହଯୋଗ ମିଳିବ। ପ୍ରତିଯୋଗିତାରେ ସାଫଲ୍ୟତା ପ୍ରାପ୍ତି।

**ସିଂହ**: ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି ଆସିବ। ଅବରୋଧ ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବହୁଦିନର ଋଣମୁକ୍ତି ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ହେବେ।

**କନ୍ୟା**: ସପ୍ତାହଟି ବେପାରରେ ଉନ୍ନତି ଆସିବ। ପାରିବାରିକ ସନ୍ତୋଷ ବୃଦ୍ଧିପାଇବ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ଅତ୍ୟଧିକ ଆତ୍ମବିଶ୍ୱାସୀ ହୁଅନ୍ତୁ ନାହିଁ; ହଇରାଣ ହୋଇପାରନ୍ତି।

**ତୁଳା**: ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବିଭିନ୍ନ ଦିଗରୁ ଲାଭବାନ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବନ୍ଧୁ ଦ୍ୱାରା ସୁଖୀ ରହିବେ। ପିଲାମାନେ ପ୍ରତିଯୋଗିତାରେ ସଫଳ ହେବେ।

**ବିଛା**: ସପ୍ତାହଟି ଚାକିରିରେ ପଦୋନ୍ନତି ହୋଇପାରେ। ବ୍ୟବସାୟରେ ଲାଭବାନ ହେବେ। ଧନଲାଭ ହୋଇପାରେ। ବନ୍ଧୁ ଦ୍ୱାରା ସମ୍ମାନିତ ହେବେ। ସାମାଜିକ ମାନ ସମ୍ମାନ ବୃଦ୍ଧିପାଇବ।

**ଧନୁ**: ସପ୍ତାହଟିରେ ଶତ୍ରୁମାନେ ପରାଜିତ ହେବେ। କର୍ମକ୍ଷେତ୍ରରେ ବାଦବିବାଦ ଦେଖାଦେବ। ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ପାରିବାରିକ ଅଶାନ୍ତି ବଢ଼ିବ। ଶାରୀରିକ ପରିଶ୍ରମରେ ଅଶାନ୍ତି ଭୋଗିବେ।

**ମକର**: ସପ୍ତାହଟି ସାମାଜିକ କାର୍ଯ୍ୟରେ ସାଫଲ୍ୟତା ପ୍ରାପ୍ତି। କର୍ମକ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟରେ ଲାଭବାନ ହେବେ। ପାରିବାରିକ ସୁଖ ବୃଦ୍ଧିହେବ। ନୂତନ ଯାନବାହନ କ୍ରୟ କରିପାରନ୍ତି।

**କୁମ୍ଭ**: ସପ୍ତାହଟି କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ବକେୟା ଥିବା ଅର୍ଥ ମିଳିବ। ସାମାଜିକ ମାନ ସମ୍ମାନ ବୃଦ୍ଧିପାଇବ। ବନ୍ଧୁମାନଙ୍କ ଦ୍ୱାରା ସମ୍ମାନିତ ହେବେ। ବିଭିନ୍ନ ଦିଗରୁ ଲାଭବାନ ହେବେ।

**ମୀନ**: ସପ୍ତାହଟିରେ ଇଚ୍ଛିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବ୍ୟବସାୟରେ ଲାଭ ପାଇବେ। ଭୂମି, ବାହନ ଇତ୍ୟାଦି କ୍ରୟ କରିବାର ସୁଯୋଗ ପାଇବେ। ବିଭିନ୍ନ ଦିଗରୁ ଆୟ ହେବ। ଶତ୍ରୁମାନେ ପରାଜିତ ହେବେ।

ସଂସ୍କୃତି ଓ ପରମ୍ପରା

# ପିଠା ଭିତରେ ପୋଡପିଠା



**ପ୍ରେମାନନ୍ଦ ପାଣିଗ୍ରାହୀ**

କୃଷିଭିତ୍ତିକ ଓଡିଆ ସମାଜର ଏକ ନିଆରା ପର୍ବ ରଜ। ଦିନେ ନୁହେଁ କି ଦୁଇଦିନ ନୁହେଁ ଦୀର୍ଘ ତିନି ଦିନ ଧରି ପାଳିତ ହୁଏ ଏହି ପର୍ବ । ରଜ ଅବସରରେ ନୂଆ ପୋଷାକ, ଦୋଳି ଖେଳ, ପିଠାପଣା ଓ ବିଡିଆ ପାନ ସବୁଥିରେ ଭରିରହିଥାଏ ଓଡିଆ ମାଟି-ପାଣି-ପବନର ବାସ୍ନା । ବର୍ଷରେ ସବୁ ପର୍ବ ଗୋଟିଏ ଦିନ ପାଳନ କରାଯାଉଥିବାବେଳେ ରଜ ପାଳନ କରାଯାଏ ତିନି ଦିନ ପାଇଁ । ରଜ ଆସିଲେ ବସୁମାତା ରଜସ୍ୱଳା ହୁଏ । ରଜସ୍ୱଳା ନାରୀ ପରି ମାଟିମା'ଙ୍କୁ ଏହି ସମୟରେ ସଂପୂର୍ଣ୍ଣ ବିଶ୍ରାମ ଦିଆଯାଏ । ଏହି ସମୟରେ ବସୁମାତାକୁ ପୀଡା ହେବା ଭଳି କୌଣସି କାର୍ଯ୍ୟ କରାଯାଏ ନାହିଁ । ରଜ ତିନିଦିନ ଝିଅବୋହୂମାନଙ୍କୁ ଗୃହ କର୍ମରୁ ଅବସର ଦିଆଯାଏ। ଫଳରେ ଅବସର ବିନୋଦନ ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ମିଳେ। ଏହି ସମୟରେ ଅନ୍ନ ଭକ୍ଷଣ ଫଳରେ ଶରୀରରେ ଅଧିକ ଅମ୍ଳ ସୃଷ୍ଟି ହେଉଥିବାରୁ ସମସ୍ତେ ପିଠା ଓ ଫଳମୂଳ ଆହାର କରନ୍ତି। ତେଣୁ ରଜି ତିନି ଦିନରେ ଘରେଘରେ ପିଠାପଣାର ଆସର ବେଶ୍ ଜମେ । ଓଡିଆ ଘରର ପିଠାପଣା ଯେମିତି ସ୍ୱାଦିଷ୍ଟ ସେମିତି ମୁଖରୋଚକ । ବାର ମାସର ତେର ପର୍ବରେ ଓଡିଆ କୂଳବଧୂମାନେ ବିଭିନ୍ନ ରକମର ପିଠା କରି ଖାଇବା ଓ ଖୋଇବାରେ ଅଶେଷ ଆନନ୍ଦ ପାଇଥାନ୍ତି । ଯେପରିକି ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠା, ଗୁରୁବାର ଓଷାରେ ମଣ୍ଡା ପିଠା, ଚିତାଲାଗି ଅମାବାସ୍ୟାରେ ଚିତୋଉ ପିଠା, ବଉଳ ଅମାବାସ୍ୟାରେ ଗଇଁଠା, ଗହ୍ମା ପୂର୍ଣ୍ଣିମାରେ ଚକୁଳି ପିଠା ପରିତୃପ୍ତି ଦେଇଥାଏ, ସେମିତି ରଜ ପର୍ବରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଉଥିବା ପୋଡପିଠା ପ୍ରତି ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ଆକର୍ଷଣ କେଉଁ ଯୁଗରୁ ରହି ଆସିଛି। ସାରା ବିଶ୍ୱରେ ଏହି ପୋଡପିଠା ଓଡିଆ ମାନଙ୍କର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି । ସତ କଥା କହିବାକୁ ଗଲେ ପୋଡପିଠା ଅନ୍ୟ ଦିନ ଅପେକ୍ଷା ରଜରେ ବେଶ୍ ସ୍ୱାଦିଷ୍ଟ ଲାଗେ। ପିଠା ଭିତରେ ପୋଡପିଠା ହେଉଛି ମୁଖ୍ୟ ପିଠା। ରଜ କହିଲେ ପୋଡପିଠା । ପୋଡପିଠା ଉତ୍କଳୀୟ ସଂସ୍କୃତିର ଏକ ନିଜସ୍ୱ ଅଙ୍ଗ। ବିଶେଷ କରି ପୋଡପିଠା ପ୍ରସ୍ତୁତି ପାଇଁ ସାମଗ୍ରୀ ଯୋଗାଡ ଓ ତିଆରି ସମୟରେ ଏହାର ନିଆରା ମହକରେ ମହକି ଉଠେ ପୂରା ପରିବେଶ। କି ଧନୀ କି ଦରିଦ୍ର ସବୁ ପରିବାର ନିଜର ସାମର୍ଥ୍ୟ ଅନୁଯାୟୀ ରଜ ପାଇଁ ପୋଡ ପିଠା ପ୍ରସ୍ତୁତ କରିଥାନ୍ତି । ଗୃହିଣୀମାନେ ସାହିପଡିଶାରେ ପୋଡପିଠା ଆଦାନ ପ୍ରଦାନ କରିଥାନ୍ତି, ଯଦ୍ୱାରା ପାରିବାରିକ ସମ୍ପର୍କ ମଜବୁତ ହୋଇଥାଏ। ଅତିଥି ଅଭ୍ୟାଗତମାନଙ୍କୁ ପୋଡପିଠାରେ ଆପ୍ୟାୟିତ କରି ଆତ୍ମତୃପ୍ତି ଲାଭ କରନ୍ତି। କେବଳ ଗାଁ ନୁହେଁ ସହରରେ ମଧ୍ୟ ରଜ ପୋଡପିଠା ଖାଇବାକୁ ସମସ୍ତେ ଭଲ ପାଆନ୍ତି। ଆଉ ରଜରେ ଯଦି ପୋଡପିଠା ନହେଲା ରଜ ରଜ ପରି ଲାଗେ ନାହିଁ।

### ପୋଡ ପିଠାର ପ୍ରସ୍ତୁତି ପ୍ରଣାଳୀ:

ରଜରେ ସାଧାରଣତଃ ଦୁଇ ପ୍ରକାର ପୋଡପିଠା ପ୍ରସ୍ତୁତ ହୋଇଥାଏ। ଗୋଟିଏ ବିରି ପୋଡପିଠା ଅନ୍ୟଟି ଚାଉଳ ପୋଡପିଠା। ପହିଲି ରଜର ପୂର୍ବଦିନ ରାତିରେ ପ୍ରସ୍ତୁତ ହୁଏ ପୋଡପିଠା । ଚାଉଳ ପୋଡ ପିଠା ପାଇଁ ଆବଶ୍ୟକୀୟ ଉପକରଣ ଗୁଡିକ ଅରୁଆ ଚାଉଳ, ନଡିଆ, ଗୁଡ, ଘିଅ, ଗୋଲମରିଚ ଗୁଣ୍ଡ, ଗୁଜୁରାତି, କାଜୁ, ଲବଙ୍ଗ,ସ୍ୱାଦ ଅନୁଯାୟୀ ଲୁଣ ଇତ୍ୟାଦି ଯୋଗାଡ କରାଯାଏ। ସେହିପରି ଚାଉଳ ପୋଡପିଠା ପାଇଁ ଅରୁଆ ଚାଉଳ, ଖଣ୍ଡ ନଡିଆ, ଗୁଡ, ଘିଅ, ଗୋଲ ମରିଚ, ଲୁଣ, ଅଦା, ଗୁଜୁରାତି, କାଜୁ, ଲବଙ୍ଗ, କିସମିସ, ଜୁଆଣି ଆବଶ୍ୟକ ହୁଏ । ଚାଉଳ ପୋଡପିଠାକୁ ସାଧରଣତଃ ଗୁଡ ପୋଡପିଠା କୁହାଯାଏ। ବିରି ପୋଡପିଠା ବର୍ଷର ଯେକୌଣସି ସମୟରେ ଗୃହିଣୀମାନେ ପ୍ରସ୍ତୁତ କରୁଥିବାବେଳେ ଗୁଡ ପୋଡପିଠା ସ୍ୱତନ୍ତ୍ର ଭାବେ ରଜରେ ହିଁ କରାଯାଏ। ଏହାକୁ ଖାଇବାକୁ ସମସ୍ତେ ରଜକୁ ହିଁ ଅପେକ୍ଷା କରିଥାନ୍ତି। ପୋଡପିଠା ପୋଡିବା ପାଇଁ ପୂର୍ବରୁ ଗୃହିଣୀମନେ କୁମ୍ଭାର ଠାରୁ ମାଟି ପଲମ ସଂଗ୍ରହ କରିଥାନ୍ତି। ରଜ ପୂର୍ବଦିନ ଯାହାକୁ କି ବଟା-ଘଷା ବା ସଜବାଜ କହନ୍ତି ସେଦିନ ରାତ୍ରୀରେ ମଞ୍ଜ କାଠ ଜାଳି ରଡ ନିଆଁ ପ୍ରସ୍ତୁତ କରାଯାଏ। ଉପକୂଳ ଅଞ୍ଚଳମାନଙ୍କରେ ଘଷି ନିଆଁ ପ୍ରସ୍ତୁତ କରାଯାଏ। ଚୂଲିରେ ମାଣ୍ଡିଆ ବସାଇ ପାଣି ଗରମ କରାଯାଏ। ଗରମ ପାଣିରେ ଗୁଜରାତି, ଲୁଣ, ଗୁଡ, ନଡିଆ, କିସମିସ ଆଦି ପକାଇ ଦିଆଯାଏ। ପାଣି ଫୁଟି ଆସିଲେ ସେଥିରେ ଚାଉଳ ଚୂନାକୁ ଧୀରେ ଧୀରେ ଢଳାଯାଏ ଓ କାଠ ଚଟୁରେ ଚୂନାକୁ ଫେଣ୍ଟାଯାଏ। ଚୂନା ଟିକେ କାଠୁଆ ହୋଇଗଲେ ସେଥିରେ କାଜୁ, ଗୋଲମରିଚ ଗୁଣ୍ଡ, ଘିଅ ମିଶାଯାଇ ଚଟୁରେ ଯନ୍ତା ଯାଏ। କଦଳି ପତ୍ରରେ ଦେଶୀ ଘିଅ ମାଖି



ମାଟି ପଲମର ତଳ ଭାଗରେ ସଜାଡି ରଖାଯାଏ। କେତେକ ସ୍ଥାନରେ କଦଳୀ ପତ୍ର ବଦଳରେ ମହୁଲ ପତ୍ର ଖଲିକୁ ବ୍ୟବହାର କରାଯାଏ। ଚୂନା ଓ ପାଣି କାଠୁଆ ହୋଇଗଲେ ତାକୁ କଦଳୀ ପତ୍ର ଉପରେ ସମାନ ଭାବରେ ଢାଳି ଦିଆଯାଏ। ତା'ଉପରେ ଅନ୍ୟ ଗୋଟିଏ କଦଳୀ ପତ୍ରରେ ଘିଅ ମାଖି ଢାଙ୍କୁଣି କରାଯାଏ। ଜଳନ୍ତା ଚୂଲିରୁ ରଡ ନିଆଁ ବାହାର କରି କଦଳୀ ପତ୍ର ଉପରେ ବିଛାଇ ଦିଆଯାଏ। ରାତି ସାରା ଚୂଲି ଉପରେ ପଲମ ରହେ । ପହିଲି ରଜ ସକାଳୁ ପରିବାରର ଯେକୌଣସି ବିବାହିତା ମହିଳା ଗାଧୁଆପାଧୁଆ ସାରି ନୂଆ ବସ୍ତ୍ର ପିନ୍ଧି ଚୂଲି ଉପରୁ ପଲମକୁ ଉଠାଇ ଆଣନ୍ତି । ପୋଡପିଠାରୁ ପତ୍ର ଓ ପାଉଁଶକୁ ପରିଷ୍କାର କରନ୍ତି । ପୋଡପିଠାକୁ ପନିକିରେ ସମାନ ଭାବରେ ଖଣ୍ଡଖଣ୍ଡକରି କାଟି କୂଳଦେବତାଙ୍କ ନିକଟରେ ଭୋଗ ଲଗାନ୍ତି । ସାହିପଡିଶାଙ୍କୁ ବାଣ୍ଟନ୍ତି । ପରିବାରର ସମସ୍ତ ସଦସ୍ୟ ଗାଧୁଆପାଧୁଆ ସାରି ଏକତ୍ର ଆମ୍ବ, ପଣସ, ସପୁରୀ ଓ ଅନ୍ୟାନ୍ୟ ପିଠା ସହ ପୋଡପିଠାକୁ ଭୋଜନ କରନ୍ତି । ପୋଡପିଠା ପାଇଁ ଅଟକେ ତିନି ରଥ; ଓଡିଆ ଜାତିର ଇଷ୍ଟଦେବତା ଶ୍ରୀ ଜଗନ୍ନାଥଙ୍କୁ ଭୋଜନ ଶେଷରେ ପ୍ରତ୍ୟହ ମହାଲକ୍ଷ୍ମୀ ପୋଡପିଠା ପରିବେଷଣ କରିଥାନ୍ତି। ବାହୁଡା ଦିନ ତିନି ରଥ ଶ୍ରୀମନ୍ଦିର ଅଭିମୁଖେ ବାହୁଡିବାବେଳେ ବଳଗଣ୍ଡି ନିକଟ ମାଉସୀମାଙ୍କ ମନ୍ଦିର ସମ୍ମୁଖରେ ଅଟକିଥାଏ। ମାଉସୀଙ୍କ ହାତରୁ ବିରି, ଚାଉଳ, ଅଳେଇଚ, ଘିଅ, ନଡିଆରେ ପ୍ରସ୍ତୁତ ପୋଡପିଠାକୁ ପୂଜାପଣ୍ଡା ମାଉସୀମାଙ୍କ ନିକଟରେ ଭୋଗ କରିବା ପରେ ବଡ ଠାକୁରଙ୍କ ସମେତ ତିନି ଭାଇଭଉଣୀଙ୍କୁ ସମର୍ପଣ କରିବା ପରେ ରଥ ଗଡେ । ଏହି ପୋଡପିଠାର ଆକାର ଗୋଲ। ତିନୋଟି ମାଟି କୁଡୁଆରେ ତିନୋଟି ପୋଡ ପିଠା ରଖାଯାଏ। ଠାକୁର ରଥ ଉପରେ ଥିବାବେଳେ ପୂଜାପଣ୍ଡା ତଳୁ ଏହି ପୋଡପିଠା ଦେଖାଇ ପୂଜା କରିଥାନ୍ତି।

**ଭୁଷଲ, ଭୁବନ, ଢେଙ୍କାନାଳ**
**ମୋ-୯୪୩୭୭୨୯୩୮୪**



ମନୋରଞ୍ଜନ



# ସସପେନ୍ସ ବଢ଼ାଇଲାଣି ‘ବଟଓ୍ୱାରା’ !

ଅମିର ଖାନ୍ ପ୍ରଡକ୍ସନ ଆଗାମୀ ଫିଲ୍ମ ବଟଓ୍ୱାରା ୧୯୪୭ ର ମୋଶନ ପୋଷ୍ଟର ରିଲିଜ୍ କରି ସମସ୍ତଙ୍କୁ ସପ୍ରାଇଜ୍ ଦେଇଛି । ଏହି ଫିଲ୍ମରେ ସନି ଦେଓଲଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ । ତୀବ୍ର, ରୋମାଞ୍ଚକର ଏବଂ ସ୍ପଷ୍ଟ ହୃଦୟସ୍ପର୍ଶୀ, ଏହି ମୋସନ୍ ପୋଷ୍ଟରଟି କ୍ରୋଧ, ଭାବନା ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ। ଏହି ଫିଲ୍ମରେ ଶବାନା ଆଜମୀ, ପ୍ରୀତି ଜିଣ୍ଟା, କରଣ ଦେଓଲ, ଅଲି ଫଜଲ, ଅଭିମନ୍ୟୁ ସିଂ, ଖୁସି ହଜାରେ ଏବଂ କନିକା କପୁରଙ୍କ ଭଳି ଚମତ୍କାର ଷ୍ଟାରକାଷ୍ଟ ନଜର ଆସିବାକୁ ଯାଉଛନ୍ତି। ଲୋକପ୍ରିୟ କ୍ରିଏଟିଭିଟି ଟିମ୍ ସହିତ ଏହି ଫିଲ୍ମ ଦର୍ଶକଙ୍କୁ ସିନେମାହଲରେ ସମ୍ପୂର୍ଣ୍ଣ ଭିନ୍ନ ଅନୁଭବ ଦେବ। ବଟଓ୍ୱାରା ୧୯୪୭ ର କାହାଣୀ ଏମିତି ଜଣେ ହିରୋଙ୍କ ଉପରେ ଆଧାରିତ ରହିଛି, ଯେଉଁଥିରେ ଘୃଣା ଏବଂ ଡର ସତ୍ତ୍ୱେ ସାହସର ରାସ୍ତା ବାଛିଥିଲେ। ଦିଗଜଙ୍କ ଏହି ଚମତ୍କାର ଷ୍ଟାରକାଷ୍ଟଙ୍କ ସହିତ ଏହି ଫିଲ୍ମ ଦର୍ଶକଙ୍କ ଦମଦାର ଏବଂ ପ୍ରଭାବଶାଳୀ ପରଫରମାନ୍ସ ଦେବାର ପ୍ରତିଶ୍ରୁତି ଦେଇଛି। ଏହି ଫିଲ୍ମର ନିର୍ଦ୍ଦେଶନା ନ୍ୟାସନାଲ ଆଓ୍ୱାର୍ଡ ଓ୍ୱିନିଂ ଫିଲ୍ମ ମେକର ରାଜକୁମାର ସନ୍ତୋଷୀ ଦ୍ୱାରା ହୋଇଛି। ଏହି ଧମାକାଦାର ମୋଶନ୍ ପୋଷ୍ଟର ଦର୍ଶକଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି। ବଡ଼ ପରଦାରେ ଏହି ଐତିହାସିକ ଯୋଡ଼ିଙ୍କୁ ଦେଖିବାକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଅମିର ଖାନ୍ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ, ବଟବାରା ୧୯୪୭ ରାଜକୁମାର ସନ୍ତୋଷୀଙ୍କ ଦ୍ୱାରା ନିର୍ଦ୍ଦେଶିତ। ଚର୍ଚ୍ଚିତ ସଙ୍ଗୀତକାର ଏ.ଆର. ରହମାନଙ୍କ ଦ୍ୱାରା ରଚିତ। ଜାଭେଦ ଅଖତରଙ୍କ ଦ୍ୱାରା ଗଭୀର ଗୀତିନାଟ୍ୟ ରଚିତ। ଅମିର ଖାନ ଏବଂ ଅପର୍ଣ୍ଣା ପୁରୋହିତଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମଟି ଦେଶର ବିଭାଜନ ଦିବସକୁ ମନେ ପକାଇ ଅଗଷ୍ଟ ୧୪ ତାରିଖ ୨୦୨୬ରେ ଫିଲ୍ମ ହଲରେ ରିଲିଜ୍ ହେବାକୁ ଯାଉଛି।






# ରଜରେ ଟିଭି ପ୍ରିମିୟର ‘ଡେଲିଭରି ବୟ-୨’

ରଜ ଓ ଓଡ଼ିଆ ସିନେମାର ସମ୍ପର୍କ ବହୁତ ପୁରୁଣା। ଏହି ଗଣପର୍ବର ମାହୋଲକୁ ଆହୁରି ଜମେଇବା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜୀ ସାର୍ଥକ ଏକ ବଡ଼ ଧମାକା କରିବାକୁ ଯାଉଛି। ଆସନ୍ତା ଜୁନ୍ ୧୪ ତାରିଖ ‘ପହିଲି ରଜ’ ସନ୍ଧ୍ୟା ୬ଟା ୩୦ ମିନିଟରେ ଚ୍ୟାନେଲରେ ପ୍ରସାରିତ ହେବ ଚଳିତ ବର୍ଷର ସବୁଠାରୁ ପ୍ରତିକ୍ଷିତ କ୍ରାଇମ୍-ଥ୍ରୀଲର ସିକ୍ୱେଲ ‘ଡେଲିଭରି ବୟ-୨’। ସତ୍ୟ ଓ ମିଥ୍ୟାର ଅସ୍ପଷ୍ଟ ଗାର ଭିତରେ ଛନ୍ଦି ହୋଇପଡ଼ିଥିବା ଏକ ଜୀବନର କାହାଣୀକୁ ନେଇ ଗତିଶୀଳ ଏହି ସିନେମାଟି ଓଡ଼ିଆ ଦର୍ଶକଙ୍କୁ ଟିଭି ପରଦାରେ ବାନ୍ଧି ରଖିବାରେ ସଫଳ ହେବ ବୋଲି ଦୃଢ ଆଶା କରାଯାଉଛି। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଏବଂ ଜେଆରଏମ ଓ ରୋଜାଲିନ ମହାନ୍ତିଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା। ସମାଜର ଏକ ସମ୍ବେଦନଶୀଳ ଦିଗ ଉପରେ ଆଧାରିତ, ମିଛ ସାମ୍ବାଦିକତା ଏବଂ ଗଣମାଧମର ଅଯଥା ଚାପ କିଭଳି ଜଣେ ନିରୀହ ମଣିଷର ଜୀବନକୁ ଛାରଖାର କରିଦିଏ, ତାହା ଏଥିରେ ବେଶ୍ ନିପୁଣ ଭାବେ ଦେଖାଯାଇଛି। ଅର୍ଚ୍ଚିତା ସାହୁ ଏବଂ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଭଳି କଳାକାରଙ୍କ ଦମଦାର ଅଭିନୟ ସିନେମାକୁ ଏକ ନୂଆ ଦିଗ ଦେଇଥିଲା। ମୁଖ୍ୟକଳାକାର ଭାବରେ ଶୈଳେନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା, ଶ୍ରୀତମ ଦାସ ଓ ପୁପିନ୍ଦର ସିଂଙ୍କ ସହ ସନ୍ତୁ ନିଜେ ଓ ଶକ୍ତି ବରାଳ ଭଳି କଳାକାରଙ୍କ ଉପସ୍ଥିତି ଏହାକୁ ଆହୁରି ଆକର୍ଷଣୀୟ କରିଥିଲା ।

# ନିରାଶ କଲା ‘ହେି ଜଓ୍ୱାନି ତୋ ଇସ୍କ ହୋନା ହେି’

ବଲିଉଡ ଚଳଚ୍ଚିତ୍ର ‘‘ହେି ଜଓ୍ୱାନି ତୋ ଇସ୍କ ହୋନା ହେି’’ ମୁକ୍ତିଲାଭ ପରେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭଲ ସମର୍ଥନ ପାଇଥିଲା । କିନ୍ତୁ ସିନେମାର ବକ୍ସ ଅଫିସ୍ ଯାତ୍ରା ଏବେ କିଛିଟା ମନ୍ଥର ହୋଇଥିବା ଦେଖିବାକୁ ମିଳିଛି । ମୁକ୍ତିଲାଭର ପ୍ରଥମ ତିନି ଦିନରେ ଆଶାଜନକ ବ୍ୟବସାୟ କରିଥିବା ଏହି ଚଳଚ୍ଚିତ୍ରର ଆୟ ସପ୍ତାହର ମଝିଭାଗରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ବ୍ୟବସାୟିକ ରିପୋର୍ଟ ଅନୁସାରେ, ଚଳଚ୍ଚିତ୍ରଟି ମୁକ୍ତିଲାଭର ଷଷ୍ଠ ଦିନରେ ପ୍ରାୟ ୨.୮ କୋଟି ଟଙ୍କା ଆୟ କରିଛି। ଏହା ସହିତ ଦେଶରେ ଏହାର ମୋଟ ନିଟ୍ ଆୟ ୩୪ କୋଟି ଟଙ୍କାରୁ ଅଧିକରେ ପହଞ୍ଚିଛି। ପ୍ରଥମ ଦିନରେ ଭଲ ଆରମ୍ଭ କରିଥିବା ଏହି ସିନେମା ଶନିବାର ଓ ରବିବାର ଦିନ ଅଧିକ ଦର୍ଶକ ଆକର୍ଷଣ କରିଥିଲା। ତେବେ ସୋମବାରଠାରୁ ଦର୍ଶକ ସଂଖ୍ୟା କମିବା ସହ ଆୟରେ ମଧ ହ୍ରାସ ଦେଖାଦେଇଛି ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ବିଶ୍ୱସ୍ତରରେ ଚଳଚ୍ଚିତ୍ରଟି ୫୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ ସଫଳ ହୋଇଛି। ବିଦେଶରେ ଏହାକୁ ଅପେକ୍ଷାକୃତ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଦେଶୀୟ ବଜାରରେ ଅନ୍ୟ ଚଳଚ୍ଚିତ୍ରଗୁଡ଼ିକର ପ୍ରତିଯୋଗିତା ଏହାର ଆୟ ଉପରେ ପ୍ରଭାବ ପକାଇଛି । ରୋମାଞ୍ଚ, ହାସ୍ୟ ଓ ପାରିବାରିକ ମନୋରଞ୍ଜନକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିଛି। କେତେକ ଦର୍ଶକ ଏହାର ହାସ୍ୟରସ ଓ ଅଭିନୟକୁ ପସନ୍ଦ କରିଥିବା ବେଳେ ଅନ୍ୟ କେତେକ କାହାଣୀକୁ ସାଧାରଣ ବୋଲି ମତ ଦେଇଛନ୍ତି



# ଉଡ଼ି ଚାଲିଛି ପେଡ୍ଡି

ସାଉଥ୍ ଫିଲ୍ମର ସବୁବେଳେ ଚାହିଦା ଟିକେ ଭିନ୍ନ। ବିଶେଷକରି ରାମଚରଣଙ୍କର ଅନେକ ଫ୍ୟାନ ମଧ୍ୟ ରହିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ସାଉଥ୍ ଫିଲ୍ମ ‘ପେଡ୍ଡୀ’ ବକ୍ସ ଅଫିସରେ ଭଲ ବ୍ୟବସାୟ କରୁଛି। ଚଳଚ୍ଚିତ୍ରଟି ଏହା ମଧ୍ୟରେ ୧୯୫ କୋଟିରୁ ଅଧିକ ବ୍ୟବସାୟ କରିଛି। ଏଥିରେ ମୁଖ୍ୟ କଳାକାର ଭାବରେ ରାମ ଚରଣ ଏବଂ ଜାହ୍ନବୀ କପୁର ଅଭିନୟ କରିଛନ୍ତି। ବୁଚି ବାବୁ ସନାଙ୍କ ନିର୍ଦ୍ଦେଶିତ ‘ପେଡ୍ଡୀ’ ଭାରତରେ ଭଲ ପ୍ରଦର୍ଶନ କରୁଥିବା ବେଳେ ସାରା ବିଶ୍ୱରେ ଭଲ ରୋଜଗାର କରୁଛି। ଫିଲ୍ମ ଓ୍ୱାର୍ଲ୍ଡଓ୍ୱାଇଡ୍ ୩୪୫ କୋଟି ଆୟ କଲାଣି। ସେମିତି ଦେଖିବାକୁ ଗଲେ ‘ପେଡ୍ଡୀ’ ର ବଜେଟ୍ ୩୫୦ କୋଟି ଥିଲା। ଏହି ଫିଲ୍ମ ଭଲ ବ୍ୟବସାୟ କରିବା ପଛରେ ମଧ୍ୟ ବଡ଼ କାରଣଟେ ରହିଛି। ସେପଟେ ବଲିଉଡ ଫିଲ୍ମ ‘ହେି ଯଓ୍ୱାନୀ ତୋ ଇଶ୍କ ହୋନା ହେି’ ବକ୍ସ ଅଫିସରେ ଏକ ସପ୍ତାହରୁ ଅଧିକ ପୂରଣ କରିସାରିଲାଣି। ସେହିପରି ବବି ଦେଓ୍ୱଲଙ୍କ ଫିଲ୍ମ ‘ବନ୍ଦର’ ମଧ୍ୟ ହଲରୁ ଆଉଟ୍ ହୋଇଗଲାଣି।



# ଶାହିଦ ସହ ପ୍ରମୋଶନରେ କୃତି ଓ ରଶ୍ମିକା

ଜୋରଦାର ପ୍ରଚାରରେ ଲାଗିପଡ଼ିଛନ୍ତି ଶାହିଦଙ୍କ ସହ କୃତି ଓ ରଶ୍ମିକା। ବଲିଉଡ୍‌ର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ‘କକଟେଲ୍-୨’ ମୁକ୍ତିଲାଭ କରିବା ପୂର୍ବରୁ ସେ ଏଭଳି ଅଭିଯାନ ଆରମ୍ଭ କରିଛନ୍ତି। ‘କକଟେଲ୍-୨’ରେ ପ୍ରଥମ ଥର ପାଇଁ ଶାହିଦ କପୁର, କୃତି ସାନନ ଓ ରଶ୍ମିକାଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ହୋମି ଆଦାଜାନିଆ। ଚଳଚ୍ଚିତ୍ରର ପ୍ରମୋଶନ କରିବାକୁ ଯାଇଥିବାବେଳେ ଫ୍ୟାନମାନଙ୍କ କବଳରୁ ମୁକୁଳି ପାରି ନଥିଲେ। ସେମାନଙ୍କ ସହ ଟାଇମ୍ ଶେୟାର କରିବା ସହ ମଜାମସ୍ତି କରିଥିବା ଦେଖାଯାଇଛି। ଏହି ତିନିଜଣ ତାରକାଙ୍କ ମଧ୍ୟରେ ଥିବା ସୁନ୍ଦର ସମନ୍ୱୟ ଓ ମଜାଦାର ମୁହୂର୍ତ୍ତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ରିଲିଜ ହେବା ପୂର୍ବରୁ ସେମାନେ ଏକାଠି ହୋଇ ପ୍ରମୋଶନ କରିବା ନିଶ୍ଚୟ ଫିଲ୍ମଟିକୁ ବ୍ୟବସାୟିକ ସଫଳତା ଦେବ।



ଅଭିଭାବକ

# ପିଲାଙ୍କୁ ପ୍ରଭାବଶାଳୀ କରାନ୍ତୁ





ପିଲାଙ୍କ ସହ କଥା ହେଲାବେଳେ, ସବୁବେଳେ ଚେଷ୍ଟା କରନ୍ତୁ, ଯାହା କଥା ହେଉଛନ୍ତି, ତାହା ପ୍ରଭାବଶାଳୀ ହେବା ଦରକାର। ପ୍ରଭାବଶାଳୀ ମାନେ ନୁହେଁ ଅତି ବିଜ୍ଞତାର ସହ କଥା ହେବା, ଯାହା ପିଲାଙ୍କୁ ଶୁଣିବାକୁ ବିରକ୍ତ ଲାଗିବ। ଏଭଳି ଭାବରେ ସେମାନଙ୍କ ସହ କଥା ହେବା ଦରକାର, ସେମାନେ ଆଗ୍ରହ ସହକାରେ ଶୁଣିବା ସହ କାର୍ଯ୍ୟରେ ମଧ୍ୟ ଲଗାଇପାରିବେ। ଅନେକ ସମୟରେ ବାପାମାଆମାନେ ପିଲାଙ୍କ ସହ ଗୁଡ଼ାଏ ଶସ୍ତା ବିଷୟରେ କଥା ହୁଅନ୍ତି, ଯାହାଦ୍ୱାରା ପିଲାଟି ଭଲ କିଛି ଶିଖିବା ବଦଳରେ ମନ୍ଦକୁ ହିଁ ଗ୍ରହଣ କରିଥାଏ। ଅନେକ ବାପାମାଆ ନିଜର ରୁଚି ଅନୁସାରେ କ୍ରିକେଟ, ଫିଲ୍ମ ଆଦି ଦେଖିଥାନ୍ତି, ଯାହାଦ୍ୱାରା ପିଲାଟି ଭବିଷ୍ୟତରେ ସେହି ଜିନିଷ ପ୍ରତି ଆଗ୍ରହ ପ୍ରକାଶ କରିଥାଏ। ଆଜିକାଲି ପିଲାମାନେ ପଢ଼ିବା ଅପେକ୍ଷା କ୍ରିକେଟ୍ କିମ୍ବା ଫିଲ୍ମ ଦେଖିବାକୁ ବେଶି ଆଗ୍ରହ ପ୍ରକାଶ କରିବାର କାରଣ ବି ଏଇଆ ହୋଇପାରେ। ବାପାମାଆଙ୍କ ରୁଚି ଅନୁସାରେ ପିଲାମାନଙ୍କ ରୁଚି ମଧ୍ୟ ପ୍ରଭାବିତ ହୋଇଥାଏ। ଏଣୁ ସବୁବେଳେ ମହାପୁରୁଷ, ସାଧୁସନ୍ଥ କିମ୍ବା ସମାଜରେ ପ୍ରତିଷ୍ଠିତ ଆଦର୍ଶ ବ୍ୟକ୍ତିଙ୍କର କଥା କିମ୍ବା କୌଣସି ଶିକ୍ଷଣୀୟ ବିଷୟବସ୍ତୁ ପିଲାଙ୍କ ସହ କୌତୁହଳପୂର୍ଣ୍ଣ ଭାବରେ ଆଲୋଚନା କରିବା ଦରକାର, ଯାହା ପିଲାଟି ନିଜକୁ ମଧ୍ୟ ସେମିତି ଗଢ଼ି ତୋଳିବାକୁ ଶତ ଚେଷ୍ଟା କରିବ। ପିଲାଟିକୁ ସବୁବେଳେ କୌଣସି ଅନାବଶ୍ୟକ କଥା କହିବା ବା ଯାହାଦ୍ୱାରା କୌଣସି ଲାଭ ମିଳୁ ନଥିବା କଥା କହିବା ଦ୍ୱାରା ସେ ନିଜକୁ ନୀତିଆଦର୍ଶରେ ଗଢ଼ିବା ବଦଳରେ ନିଜର ଏକ ସ୍ୱତନ୍ତ୍ର ଆଦର୍ଶ ତିଆରି କରେ, ଯାହା ଭଲ ହୋଇପାରେ-ମନ୍ଦ ବି ହୋଇପାରେ। ଅନେକ ପିଲା ମଧ୍ୟ ବଡ଼ ହେବା ପରେ ଅପରାଧକୁ ଆଦର୍ଶ ଭାବରେ ଗ୍ରହଣ କରି ନେଉଛନ୍ତି। ଏହାର କାରଣ ଖୋଜାଗଲେ, ଜଣାପଡ଼େ ଯେ ସେ ପିଲାକୁ ଯେତିକି ସଂସ୍କାର ଦେବା କଥା ବାଲ୍ୟକାଳରେ ଦିଆଯାଇନାହିଁ।

---

ଜ୍ଞାନ ବିଜ୍ଞାନ



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

# ଝରି କଲମ

ବିବର୍ତ୍ତନ ବିକାଶ ସହିତ ମଣିଷ ଆଙ୍କିବା, ଲେଖିବା ଆରମ୍ଭ କରିଥିଲା। ପ୍ରଥମେ ଅଙ୍ଗାର ଦ୍ୱାରା ଗୁମ୍ଫାରେ, ପରେ ମୁନିଆ କାଠ, ପକ୍ଷୀ ପର, ଲୁହା ଲେଖନୀ ବ୍ୟବହାର କରିଥିଲା। ବାରମ୍ବାର ସିହାଇ ବା କାଳୀ ପାତ୍ରରେ ବୁଡ଼ାଇ ଲେଖିବା ସମୟ ସାପେକ୍ଷ କଷ୍ଟ ସାଧ ହେଉଥିଲା। ଏଣୁ କାଳୀକୁ ଲେଖନୀ ମୁନ ପର୍ଯ୍ୟନ୍ତ ଆପେଆପେ ପହଞ୍ଚିବା ପାଇଁ ଅନେକ ନମୁନା ତିଆରି ହୋଇ ଥିଲା। କୌଣସି ଗୋଟିକ ଆଶାନୁରୂପ କାର୍ଯ୍ୟକ୍ଷମ ହୋଇ ପାରି ନଥିଲା। ୧୮୮୪ମସିହାରେ ଗୋଟିଏ ଚମତ୍କାର ଘଟଣା ଘଟିଲା। ଲୁଇସ୍ ଏଡିସନ ୱାଟରମ୍ୟାନ ନାମକ ଜଣେ ବ୍ୟକ୍ତି ବୀମା ବା ଇନସ୍ୟୁରାନସ୍ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥଲେ। ଦିନେ ଜଣେ ଧନୀ ଗରାଖର ବୀମା କରାଇବାକୁ ତାଙ୍କ ଘରକୁ ଯାଇଥିଲେ। ସେଠାରେ ବୀମା ଫର୍ମ ପୂରଣ କରିଥିଲେ। ସବୁ କାମ ସରିବା ବେଳକୁ ସେ ଯେଉଁ କଲମ ବ୍ୟବହାର କରୁ ଥିଲେ ତାର କାଳୀ ଥଳୀରୁ ଦୁର୍ଯୋଗକୁ ମାତ୍ରାଧିକ କାଳୀ ବୋହିଗଲା। ପୂରଣ ହୋଇ ସାରିଥିବା ଫର୍ମ ଗୁଡ଼ିକ ନଷ୍ଟ ହୋଇ ଗଲା। ୱାଟରମ୍ୟାନ ନୂଆ ଫର୍ମ ସେଟ୍ ଆଣିବାକୁ ନିଜଘରକୁ ଗଲେ। ଫେରିବା ବେଳକୁ ଅନ୍ୟ ଜଣେ ବୀମା ଏଜେଣ୍ଟ ତାଙ୍କ ଗରାଖ ଠାରୁ ଚୁକ୍ତିପତ୍ର କରିନେଇଥିଲା। ଲୁଇସ୍‌ଙ୍କ ପରିଶ୍ରମ ପାଣିରେ ପଡ଼ିଲା। ତାଙ୍କ ମନକୁ ଗଭୀର ଆଘାତ ଲାଗିଲା। ସେ ସଂକଳ୍ପ କଲେ ଯେ ସେ ଏପରି ଏକ କଲମ ତିଆରି କରିବେ ଯେଉଁଥିରୁ କାଳୀ ଢାଳି ହେବନାହିଁ। ସେ ଗବେଷଣାରୁ ଜାଣିଲେ ବାୟୁ ମଣ୍ଡଳର ଚାପ ଓ ମଧ୍ୟାକର୍ଷଣ କାଳୀ ଝରିବାରେ ମୁଖ୍ୟ ଭୂମିକା ନେଇଥାଏ। ଏଣୁ କାଳୀ ଆବଶ୍ୟକ ପରିମାଣରେ ନିୟନ୍ତ୍ରିତ ହୋଇ ନିର୍ଝରିତ ହେବା ପାଇଁ ସେ କ୍ୟାପିଲାରୀ ଆକ୍ସନ ବା କୌଶିକ ଆକର୍ଷଣକୁ ବ୍ୟବହାର କରି କଲମର ଫିଡ୍ ବା କାଳୀ ଥଳୀ ଓ ନିବ ବା ଲେଖନୀ ମୁନ ପ୍ରସ୍ତୁତ କରିଥିଲେ। ନିବ ତଳେ ଗୋଟେ ଟଙ୍ଗ୍ ବା ଜିଭ ରହିଲା। ସେଥିରେ ସୂକ୍ଷ୍ମ ରନ୍ଧ୍ର ରହିଲା। ଯେଉଁବାଟ ଦେଇ ଅକ୍ଷର ଲେଖିବାର ଆବଶ୍ୟକତା ଅନୁଶାରେ କାଳୀ ଆସି ପହଞ୍ଚିଲା। ସେହି ୧୮୮୪ମସିହାରେ ସେ ପେଟେଣ୍ଟ ହାସଲ କରିଥିଲେ। ଏହା ଥିଲା ପୃଥିବୀର ପ୍ରଥମ ଫାଉଣ୍ଟେନ ପେନ୍ ବା ଝରି କଲମ। ପରେ ଏହି ଜ୍ଞାନ କୌଶଳକୁ ପୁଞ୍ଜି କରି ଅନେକ ପ୍ରକାରର କଲମ ତିଆରି ହୋଇ ଚାଲିଛି। ମହାତ୍ମା ଗାନ୍ଧୀଙ୍କଙ୍କ ପ୍ରେରଣାରେ ଡକ୍ଟର ରାଧିକା ନାଥ ଶାହା ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ଝରି କଲମ ତିଆରି କରିଥିଲେ। ତାହା ବିଶ୍ୱକବିଙ୍କ ହାତରେ ଅନୁକୂଳ ହୋଇ ଥିଲା।

# ରଜପର୍ବ : ସୃଷ୍ଟିର ଜୟ ଉତ୍ସବ

ଡକ୍ଟର ସୁରେଶ କୁମାର ନାୟକ

**ରଜପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହା ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ। ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବାଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ। 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ - ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି।**



'ଯତ୍ୟାଂ ସମୁଦ୍ରି ଉତ ସିନ୍ଧୁରୋପା, ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ। ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍, ସା ନୋ ଭୂମିଃ ପୂର୍ବପେୟେ ଦଧାତୁ।' ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ନାଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବକୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତଥା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା। ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳ ତତ୍ତ୍ୱ। ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ। ଏହାର ପ୍ରାଣ ଅଛି। ଏହା ଆମକୁ ଧରା ହୋଇ ଧରି ରଖିଛ ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି। ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାକୁ ନିବୃତ୍ତ କରିଛି।

ଓଡ଼ିଶାର ପର୍ବପର୍ବାଣୀ ମାନଙ୍କ ମଧ୍ୟରେ ରଜ ସବୁଠାରୁ ଲୋକପ୍ରିୟ ପର୍ବ। ଏହି ପର୍ବ ତିନିଦିନ ଧରି ପାଳନ କରାଯାଏ। ପହିଲି ରଜ ସୌର ମାସ ଜ୍ୟେଷ୍ଠ ମାସର ଶେଷ ଦିନ ପଡ଼େ। ଏହା ପ୍ରଚଣ୍ଡ ରୌଦ୍ରତାପକୁ ବିଦାୟ ଦେବାର ଦିବସ। ମଝି ରଜ ବା ରଜ ସଂକ୍ରାନ୍ତି ସୌରମାସ ଆଷାଢ଼ ମାସର ପ୍ରଥମ ଦିବସ। ଏହା ବର୍ଷାଋତୁର ଆଗମନର ସୂଚନା ଦିଏ। ନିଦାଘ ଖରାରେ ତପ୍ତ ଧରଣୀ ଶାନ୍ତ ହେଲେ ହସି ଉଠିବ ସବୁଜ ଶାଢ଼ୀ ପରିଧାନ କରି। ମାଆର ଖୁସିରେ ସନ୍ତାନମାନଙ୍କର ଖୁସି। ସନ୍ତାନମାନେ ତାର ଚାହିଁ ରହିବେ ଆଉ କିଛି ମାସ ଅନ୍ତରରେ ମା ଭରି ଦେବ ତାଙ୍କ ଅମାର। ବିଶ୍ୱାସ କରାଯାଏ ଏହି ତିନି ଦିନ ଧରିତ୍ରୀମାତା ରଜବତୀ ହୁଅନ୍ତି। ଯାହା ମାତୃତ୍ୱ ପ୍ରାପ୍ତିର ପୂର୍ବାନୁମାନ। ସେଥିପାଇଁ ଏହା ରଜପର୍ବ ନାମରେ ପରିଚିତ। ଏହି ତିନିଦିନ ମାତା ବସୁନ୍ଧରା ସମ୍ପୂର୍ଣ୍ଣ ବିଶ୍ରାମ କରନ୍ତି। ମା'କୁ କଷ୍ଟ ହେବ ବୋଲି ଏହି ସମୟରେ କେହି ମାଟି ଖୋଳନ୍ତି ନାହିଁ, ଚାଷକାମ କରନ୍ତି ନାହିଁ, ଖାଲି ପାଦରେ ଦୁମଦୁମ୍ କରି ଚାଲନ୍ତି ନାହିଁ। ରଜ ପୂର୍ବ ଦିନକୁ ସଜବାଜ କୁହାଯାଏ। ଏହି ଦିନ ମହିଳାମାନେ ପାଣି ଆଣି ଘରେ ରଖନ୍ତି। ଘରେ ପୋଡ଼ପିଠା, ଆରିଶା ପିଠା, କାକରା ପିଠା, ମୁଆଁ ପିଠା ଇତ୍ୟାଦି ପ୍ରସ୍ତୁତ କରି ତିନିଦିନ ପାଇଁ ରଖିଦିଅନ୍ତି। ପଣସ, ତାଳସଜ, ଆମ୍ବ, ଜାମୁରୋଳ ଇତ୍ୟାଦି ଫଳରେ ସବୁଆଡ଼େ ଭରପୁର ଥାଏ। ଫଳରେ ପୁଅଝିଅ ସମସ୍ତେ ପେଟଭରି ସୁମିଷ୍ଟ ଖାଦ୍ୟ ଖାଇ ଦୋଳି ଖେଳନ୍ତି। ଦୋଳି ପ୍ରସ୍ତୁତି ପୂର୍ବରୁ ଗୋଟିଏ ପ୍ରାଚୀନତମ ଗୀତ ପରିଣତ ବୟସର ମହିଳାମାନେ ଗାଇ ଥାନ୍ତି - 'ଦୋଳି ମୁଣ୍ଡେ ଦେଲି କଳା, ପ୍ରଥମେ ବନ୍ଦିଲି ସର୍ବମଙ୍ଗଳା, ସରଡି ଉଠିବ ଗଳା'। ଦୋଳି ଖେଳ ସମୟର ଗୀତଟିଏ ମଧ୍ୟ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ - 'ଦୋଳି ହୁଏ ରଟ ରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟ ଝଟ'। ଗରମ ସମୟରେ ତୋଟାରେ, ବାଡ଼ିରେ ଦୋଳିରେ ଝୁଲିବାରେ ଯେଉଁ ଆନନ୍ଦ ଅନୁଭବି ହିଁ ଜାଣେ। ତା ସହିତ ପଲ୍ଲୀଗୀତ 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଲୋ ଆସିଛି ରଜ.....' ଗାନ କରି ଗାଁର ପରିବେଶକୁ ମୁଖରିତ କରିଦିଅନ୍ତି। ମଥାରେ ଚନ୍ଦନ ଟୋପା, ନୂଆଶାଢ଼ି, ନୂଆଚୁଡ଼ିରେ ଝିଅବୋହୂଙ୍କ ଆନନ୍ଦର ସୀମା ନଥାଏ। ତା ସହିତ ସାଙ୍ଗସାଥୀ ହୋଇ ତାସ, ଲୁଡୁ, କଉଡି ଖେଳରେ ତିନିଦିନ କେମିତି କଟିଯାଏ ଜଣାପଡ଼େ ନାହିଁ। ଯୁବକମାନେ ବାଗୁଡ଼ି, କବାଡ଼ି ଓ ପାରମ୍ପରିକ ଖଣ୍ଡାଖେଳରେ ମାତି ଯାଆନ୍ତି। ସମସ୍ତଙ୍କର ପୂର୍ଣ୍ଣ ବିଶ୍ରାମ ଓ ପୂର୍ଣ୍ଣ ଉପଭୋଗର ସମୟ। ଏହି ରଜ ତିନିଦିନରେ ଖାଲି ଆନନ୍ଦ ହିଁ ଆନନ୍ଦ। ରଜ ତିନିଦିନ ପରେ ବସୁମତୀ ସ୍ନାନ ହୁଏ। ଏକ ପଥର ଶିଳୁପୁଆକୁ ହଳଦୀପାଣିରେ ଗାଧୋଇ ଦେଇ ତଳେ ମାଟିକୁ ଗୋବର ପାଣିରେ ଲିପିପୋଛି ରଖନ୍ତି ଓ ସେଇ ଶିଳାକୁ ହଳଦୀ, ସିନ୍ଦୁର, ଫୁଲରେ ସଜାଇ ନୂଆ ଲୁଗା ଖଣ୍ଡେ ପିନ୍ଧାଇ ବସୁମତୀ ମା'ର ପ୍ରତୀକ ସ୍ୱରୂପ ପୂଜା କରନ୍ତି।

ବିଶ୍ୱାସ କରାଯାଏ କି ପୃଥିବୀ ମାତା ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଭୂଲୋକ ପତ୍ନୀ 'ଭୂଦେବୀ'। ମହାପ୍ରଭୁ ଜଗନ୍ନାଥ ପାଖରେ ଭୂଦେବୀଙ୍କର ରୂପା ବିଗ୍ରହ ପୂଜା ପାଆନ୍ତି। ଚନ୍ଦନଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ ଓ ଶ୍ରୀଦେବୀ ଚାପ ଖେଳିବାକୁ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି। ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟରେ ବର୍ଷା ଦେବତା ଇନ୍ଦ୍ର ଆମର ପୂଜ୍ୟ। ଫସଲ ଓ ଧନର ଠାକୁରାଣୀ ଲକ୍ଷ୍ମୀ ଦେବୀ ଆମର ମାଆ। ଆଷାଢ଼ ମାସରେ ମାଟି ସହିତ ମେଘର ମିଳନ ହୋଇଥାଏ। ଏହା ପରେ ହିଁ ମାଟିରୁ ଅନେକ ଫସଲ ଉତ୍ପନ୍ନ ହୋଇଥାଏ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅୟମାରମ୍ଭ ପୂର୍ବରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏ ପର୍ବ ସୃଷ୍ଟି। ଆମ ପର୍ବପର୍ବାଣୀ ସୃଷ୍ଟି ଆନନ୍ଦ ଦେବା ପାଇଁ। ବାସ୍ତବରେ ରଜ ହେଉଛି ଅନେକ ଚେତନାର ଏକ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆଷାଢ଼ ମାସ ଚର୍ତୁମାସ୍ୟ ବ୍ରତର ପ୍ରଥମ ମାସ। ଏହି ଚାରି ମାସ ମୁନୀଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକ ସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥାନ୍ତି। ଦାମ୍ପତ୍ୟ ଜୀବନର ଏହା ହେଉଛି ସର୍ବଶ୍ରେଷ୍ଠ ମାସ। କୁହାଯାଏ ବିରହ, ବିଧୂର ପ୍ରସଙ୍ଗକୁ ନେଇ ମେଘ ମାଧ୍ୟମରେ ମହାକବି କାଳିଦାସ 'ମେଘଦୂତ' ମହାକାବ୍ୟ ଏହି ଆଷାଢ଼ ମାସରେ ହିଁ ଲେଖିଥିଲେ। ମାତୃ ଜାତି ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ତଥା ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜ ପର୍ବ। ଓଡ଼ିଶାରେ ରଜ ପର୍ବ ଏବେ ଆଉ ନିଜ ରାଜ୍ୟ ଭିତରେ ସୀମିତ ହୋଇ ରହିନାହିଁ। ଭାରତର ବିଭିନ୍ନ ରାଜ୍ୟରେ ରହୁଥିବା ଓଡ଼ିଆମାନେ ଓ ଦେଶ ବାହାରେ ରହୁଥିବା ଓଡ଼ିଆମାନେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ରଜ ପର୍ବକୁ ବେଶ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି।

ବର୍ତ୍ତମାନର ସମୟକୁ ଦେଖିଲେ ପୁରୁଣା ସମୟର ଆଉ ସେ ପାରମ୍ପରିକ ରଜର ପ୍ରସ୍ତୁତି ଅନେକ କ୍ଷେତ୍ରରେ ବଦଳି ଗଲାଣି। ଦିନ ଥିଲା ରଜ ପାଞ୍ଚଦିନ ପାଳନ ହେଉଥିଲା ଏବଂ ବିଶେଷକରି ଗାଁ ଗଣ୍ଡାରେ ସଜବାଜ ଦିନ ଠାରୁ ଦାନ୍ତକାଠି ସଂଗ୍ରହ ହୋଇ ରହୁଥିଲା। ସେହିପରି ଧରିତ୍ରୀ ମାତା ରଜବତୀ ହୋଇଥିବାରୁ ରଜରେ ବଟ କୁଟା ଆଦି କାର୍ଯ୍ୟ କରାଯାଏନାହିଁ। ଏଥିପାଇଁ ରଜ ପୂର୍ବରୁ ଢ଼ିଙ୍କି କୁଟା ଚାଉଳ ଚୁନା ପ୍ରସ୍ତୁତ ହୋଇଥାଏ। ସେହିପରି ଝିଅମାନେ ସଜବାଜ ଦିନ ହିଁ ରାତିରେ ଦେହରେ ବଟା ହଳଦୀ ଲଗାଇ କଜଳ ଓ ଅଳତା ପିନ୍ଧିଥାନ୍ତି। ଓଡ଼ିଶାର କେତେକ ଅଞ୍ଚଳରେ ରଜ ପର୍ବରେ କଣ୍ଢେଇ ପୂଜା ପରମ୍ପରା ମଧ୍ୟ ରହିଛି। ବସୁମତୀ ସ୍ନାନ ଦିନ ଏହି ମୂର୍ତ୍ତି ପୂଜା କରି ପୋଖରୀରେ ବିସର୍ଜନ କରାଯାଇଥାଏ। ରଜରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରାଟି ହେଉଛି ଏହି ତିନିଦିନ କୁମାରୀମାନେ ଖାଲି ପାଦରେ ଚାଲି ନଥାନ୍ତି। ପୂର୍ବପରି ଆଉ ରଜ ପର୍ବର ଖୁସି ସେପରି ଆଉ ନାହିଁ। ସବୁଠି ଆଧୁନିକ ଶୈଳୀରେ ବିଧିକୁ ବଜାୟ ରଖିବା ପାଇଁ ଯାହା ପାଳନ ହେଉଛି। ତେବେ ଓଡ଼ିଆଙ୍କ ଜନଜୀବନ ବିଶେଷକରି ନିତିଦିନିଆ କର୍ମପ୍ରବଣ ବ୍ୟସ୍ତତା ଭିତରେ ଏହି ରଜପର୍ବ ଅନେକ ଖୁସି, ସୁଖ ଓ ଆନନ୍ଦ ବାଣ୍ଟି ଥାଏ। ଓଡ଼ିଆଙ୍କ ଘରେ ଘରେ ପୁରପଲ୍ଲୀ ଠାରୁ ସହର ଜାତି, ଭେଦ ନିର୍ବିଶେଷରେ, ଧନୀ ଠାରୁ ଗରିବ ସମସ୍ତେ ତିନିଦିନ ଧରି ଆନନ୍ଦମୟ ଭାବେ ଏହି ପର୍ବକୁ ଖୁସିର ସହିତ ପାଳନ କରିଥାନ୍ତି। କେହି କେହି ଏହାକୁ ଓଡ଼ିଶାର ଜାତୀୟ ପର୍ବ ଭାବେ ବିଚାର କରିଥାନ୍ତି। ତେବେ ରଜ ପର୍ବ ସହିତ ମାତୃଜାତି ପ୍ରତି ସମ୍ମାନ, ମାଟି ମାଆ ଅର୍ଥାତ୍ ବସୁଧା ପ୍ରତି ଦାୟିତ୍ୱବୋଧ, ପରିବେଶ ଓ ପରମ୍ପରାକୁ ଭଲ ପାଇବା ଦ୍ୱାରା ଏହି ପାର୍ବଣ ଆମକୁ ଅନେକ ଶିକ୍ଷା ଦେଇଥାଏ। ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଆଗତ ଶସ୍ୟ ଶ୍ୟାମଳା ଧରିତ୍ରୀ ପାଇଁ ଏହି ରଜ ହିଁ ଶିକ୍ଷା ଦେଇଥାଏ। ତେଣୁ କହିବାକୁ ଗଲେ ରଜ ଉତ୍ସବ ହେଉଛି ବର୍ଷାରମ୍ଭରେ ଶସ୍ୟଗର୍ଭା ପୃଥିବୀରେ ମାତୃତ୍ୱର ସଫଳତା କାମନା ଓ ସୃଷ୍ଟିର ଜୟ ଉତ୍ସବ।


ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨



■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ‘ହିଟଓ୍ୱେଭ’ : ବିଗାଡୁଛି ଅଫିସରେ ମାନସିକ ସ୍ୱାସ୍ଥ୍ୟ

**ପ୍ରଫେସର ଡାକ୍ତର ସମ୍ରାଟ କର**



ସୁମିତ, ଏବେ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀର କ୍ଷେତ୍ରାଧିକାରୀ। ମୋ ସାଙ୍ଗରେ ସେ ପିଲା ଦିନରୁ ପଢୁଥିଲା। ତେବେ ଗତକାଲି ତା ସାନ ଭାଇ ନିମିତ ଫୋନ କରି ବଡ଼ଭାଇର କ୍ରମାଗତ ଚିଡ଼ଚିଡ଼ା ପଣ ସମ୍ବନ୍ଧରେ ମୋ ପରାମର୍ଶ ଲୋଡ଼ିଲା। ସେ ଭାରି ବ୍ୟସ୍ତ ହୋଇ ପଡ଼ି କହୁଥାଏ ଯେ ଭାଇ ଅଫିସରୁ ଫେରିବା ପରେ ଘରେ ଚିଡ଼ଚିଡ଼ା ସ୍ୱଭାବରେ ରହୁଛନ୍ତି ଏବଂ ବେଳେ ବେଳେ ତାଙ୍କୁ ଚାପଗ୍ରସ୍ତ, ଅବସାଦଗ୍ରସ୍ତତା ଅବସ୍ଥାରେ ସାମ୍ନା କରୁଛୁ। ମୁଁ ସୁମିତର ନିୟମିତ ସ୍ୱାସ୍ଥ୍ୟ ରୁଟିନ ସବୁ ବୁଝି ତାହା ହେଲଥ କାର୍ଡ଼ର ରିପୋର୍ଟର ଦେଖିଲି। ସେଥିରେ ସେମିତି କିଛି ବିଲକ୍ଷଣ ନଥିଲା। କଥା ହେଉଛି ବର୍ତ୍ତମାନ ଯେଉଁପରି ଖରାର ପ୍ରକୋପ ବଢୁଛି ଏହି ପ୍ରକୋପର ପରିଣାମ ‘ହିଟ୍‌ଓ୍ୱେଭ’ କେବଳ ଜଣଙ୍କର ଶରୀରର କ୍ଷତି କରୁନି ବରଂ ମାନସିକ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରୁଛି। ଯାହାଦ୍ୱାରା ଅଫିସ ବା ଘର ଠାରୁ ବାହାରେ କାମ କରୁଥିବା ଅନେକଙ୍କ ଭିତରେ ଚିଡ଼ଚିଡ଼ାପଣ, ବିରକ୍ତି ଭାବନା ବଢ଼ି ଯାଇଥାଏ। ଯେତେବେଳେ ଜଣେ ଖରାଦିନ କଥା ନାଁ ଭାବିଲା ବେଳକୁ ତା ମନ ଭିତରେ ଏହି ଥକ୍କାପଣ, ଲୁ, ଅତ୍ୟଧିକ ଝାଳ ବା ଶରୀରରେ ଜଳ ଶୁଷ୍କତା କଥା ମନକୁ ଆସିଥାଏ। ଅନେକ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଇନଥାନ୍ତି।

ବିଶ୍ୱବିଖ୍ୟାତ ସ୍ୱାସ୍ଥ୍ୟ ଭିତ୍ତିକ ପତ୍ରିକା ‘ଲାନସେଟ’ର ତଥ୍ୟ ଅନୁଯାୟୀ ଏବେକାର ଗ୍ଲୋବାଲ ଓ୍ୱାର୍ମିଂ ବଢ଼ି ଚାଲିଥିବାବେଳେ ଗରମରୁ ନୂଆ ନୂଆ ସମସ୍ୟା ଜନ୍ମ ହେବାରେ ଲାଗିଛି ଯାହା ଆମ ଶରୀର ଠାରୁ ଅଧିକ ମସ୍ତିଷ୍କ ଓ କର୍ମକ୍ଷେତ୍ର ଅଫିସ ଜୀବନକୁ ପ୍ରଭାବିତ କରୁଛି। ବର୍ତ୍ତମାନର ଭୀଷଣ ଗରମ କେବଳ ଏହା ଅନେକ ଶାରୀରିକ ସମସ୍ୟା ସୃଷ୍ଟି କରୁଛି। ଅତ୍ୟଧିକ ଗରମ ସେପଟେ ଅଫିସର କାର୍ଯ୍ୟଚାପ, ନିର୍ଦ୍ଦିଷ୍ଟ ଟ୍ୟାସ୍କ ପୂରଣ ପାଇଁ ଟାର୍ଗେଟ, ଘରର ଚାପ ଏସବୁ ଜଣକୁ ଚିଡ଼ଚିଡ଼ା କରିଦେଇଥାଏ। ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ଗରମ ଦିନରେ ସ୍ୱାସ୍ଥ୍ୟକ୍ଷେତ୍ର ଅନେକ ଭାବରେ ଚିନ୍ତା ଜନକ ହୋଇଯାଏ। ଉତ୍ତପ୍ତ ସହର ଭିତରେ ଗରମ ପବନ, ରାସ୍ତାର ଭିଡ଼, ବିଦ୍ୟୁତ କାଟ, କାଳବୈଶାଖୀ, ଅଫିସରେ ଦୀର୍ଘ ସମୟ ବସିବା ଏହିପରି ଜୀବନଯାତ୍ରା ଅନେକଙ୍କୁ ଚିଡ଼ଚିଡ଼ାପଣ ଭିତରକୁ ଠେଲି ଦେଉଛି। ତେବେ ଦଃଖଦ କଥା ଏହା ଯେ ଏହା ସେମାନଙ୍କୁ ‘ଇମୋସନାଲ ବର୍ଣ୍ଣଆଉଟ୍’ ଆଡ଼କୁ ଠେଲିବାରେ ଲାଗିଛି।

ଆମ ଶରୀର ଏକ ନିଶ୍ଚିତ ତାପମାତ୍ରାରେ ଠିକ ଭାବେ କାମ କରିଥାଏ ଯେତେବେଳେ ଅଧିକ ଗରମ ହୁଏ ଶରୀର ତାପମାତ୍ରାକୁ ସ୍ଥିର ରଖିବାପାଇଁ ଝାଳ ବାହାର କରିବା ସହିତ ରକ୍ତସଞ୍ଚାଳନ ଓ ହୃଦସ୍ପନ୍ଦନ ବଢ଼ାଇଥାଏ। ଏସବୁ କରିବା ପାଇଁ ଶରୀରକୁ ଅଧିକ ଶକ୍ତି ଖର୍ଚ୍ଚ କରିବାକୁ ପଡ଼ିଥାଏ ଯାହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡ଼ିଥାଏ। ଅଧିକ ତାପମାତ୍ରା ଜଣଙ୍କର ସ୍ମରଣ ଶକ୍ତି ପ୍ରତିକ୍ରିୟା ସମୟ ଓ




ଭାବନା ଉପରେ କାବୁ ରଖିବାର କ୍ଷମତାକୁ ଦୁର୍ବଳ କରିଦେଇଥାଏ। ଏହି କାରଣରୁ ଧରାବନ୍ଧା ନିତିଦିନିଆ ଧାଁ ଧଉଡ଼ ଜୀବନ ବିତାଉଥିବା କର୍ମଚାରୀମାନେ ମାନସିକ ଭାବେ କେବଳ ଥକି ପଡ଼ିନଥାନ୍ତି ବରଂ ତାଙ୍କ ଭିତରେ ଅଧୈର୍ଯ୍ୟପଣ ବଢ଼ିଯାଏ। ସହରାଞ୍ଚଳ କଥା ଦେଖନ୍ତୁ। କାଳ ବୈଶାଖୀ ହେଉ ବା ନିୟମିତ ବିଦ୍ୟୁତ କାଟ ଏହି ସମସ୍ୟା ପାଇଁ ପ୍ରାୟ ଲୋକ ରାତିରେ ଶାନ୍ତିରେ ଶୋଇ ପାରିନଥାନ୍ତି। ଅଧା ନିଦ ପରଦିନ ପାଇଁ ମୁଡ୍, ଚିନ୍ତାକୁ ସହିବାର ଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାକୁ ବିଗାଡ଼ି ଦେଇଥାଏ। ଯଦି ବ୍ୟକ୍ତି ପୂର୍ବରୁ କୌଣସି ପ୍ରକଳ୍ପର ଡେଡ ଲାଇନ, ଟାର୍ଗେଟ ପଏଣ୍ଟ, ଆର୍ଥିକ ମାନ୍ଦାବସ୍ଥା ଓ ଅଫିସ ବିବାଦ ସହ ଲଢୁଥାନ୍ତି ତେବେ ଗରମ ସେ ସବୁକୁ ବହୁ ଗୁଣା ବଢ଼ାଇ ଦେଇଥାଏ ସେମାନଙ୍କର ମାନସିକ କ୍ଷେତ୍ରକୁ।



ପରିବେଶରେ ଆମ ମଷ୍ଟିକ ସହ ସିଧା ସମ୍ପର୍କ ରହିଛି। ତେଣିକି ଜଣେ ଅଫିସରେ କାମ କରନ୍ତୁ କିମ୍ବା ଡାକ୍ତରଖାନା କିମ୍ବା ବାହାରେ ଆଖପାଖକୁ ଦେଖି ମୁଡ଼ ଆପଣଙ୍କୁ ପ୍ରସ୍ତୁତ କରିଥାଏ। ଏବଂ ମୁଡ଼ କାମର ଗୁଣବତ୍ତାକୁ ପ୍ରଭାବିତ କରିଥାଏ। ଶରୀର ଗରମ ସହ ଲଢ଼ିବାରେ ଏତେ ଶକ୍ତି ବିନିଯୋଗ କରିଥାଏ ଯେ ମାନସିକ ସ୍ୱାସ୍ଥ୍ୟ, ଜଳଶୁଷ୍କତା ଓ ନିଦର ଅଭାବ ହେବା ସ୍ୱାଭାବିକ। ଅନେକ ସମୟରେ ବ୍ୟକ୍ତିଙ୍କୁ ଏକଥା ମଧ୍ୟ ଜଣା ନଥାଏ ଯେ ସେମାନଙ୍କ ଥକ୍କା ପଣ ପଛର କାରଣ କ’ଣ ? ଅସଲ କଥା ହେଉଛି ଜଣଙ୍କର ରୁଟିନ୍‌ଟିଏ ଦେଖନ୍ତୁ। ବିଗତ ବିଳମ୍ବିତ ରାତିରେ ଶୋଇବା, ରାତିରେ ଯଦି ବିଦ୍ୟୁତକାଟ ହେଲା ଏପଟ ସେପଟ ଅଧା ନିଦ ଭିତରେ ସକାଳ, ଠିକ ସେ ନା ଜଳଖିଆ ବରଂ ଅଫିସ ଟାର୍ଗେଟ ଫାଇଲ ପତ୍ର ନେଇ କର୍ମକ୍ଷେତ୍ରରେ ପହଞ୍ଚିଲା ବେଳକୁ ଜଣଙ୍କର ମାନସିକ ସ୍ୱାସ୍ଥ୍ୟ ଅସୁବିଧା ଜନକ ବାତାବରଣକୁ ପ୍ରାୟତଃ ସାମ୍ନା କରିଥାଏ। ତେଣୁ ଏହି ମାନସିକ ଭାବନା ନିଶ୍ଚିନ୍ତ ଭାବରେ ହିଟ୍‌ଓ୍ୱେଭ୍ ପରିବେଶକୁ ଆହୁରି ଗରମ କରିଦେଉଛି ତେବେ ଏ ସବୁରୁ ବର୍ତ୍ତିବା ପାଇଁ ସେପରି କିଛି ବିରାଟ ବଡ଼ କାମ କରିବାକୁ ପଡ଼ିବ ନାହିଁ।

ସର୍ବପ୍ରଥମେ ଏହା ପାଇଁ ଆପଣଙ୍କର ସକାରାତ୍ମକ ଦୃଢ଼ ମାନସିକତା ଜରୁରୀ। ଏଥିରୁ ନିବୃତ୍ତ ହେବା ପାଇଁ ଭଲ ଅଭ୍ୟାସ ହେଉଛି ନିଜ ଅଫିସ କାମ ଓ ଘର ଏ ଦୁଇଟିକୁ ଦେଖି ନିଜ ରୁଟିନ୍‌ଟିଏ ତିଆରି କରନ୍ତୁ। ସକାଳୁ ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ ଖୁବ ଭଲ। ସୁଷମ ଖାଦ୍ୟ ଖାଆନ୍ତୁ, ନିର୍ଦ୍ଧାରିତ ସମୟରେ ଖାଇବା ଓ ବିଶ୍ରାମ ସମୟ ରଖନ୍ତୁ। ଅଫିସ କାର୍ଯ୍ୟରେ ଥିଲେ ଲଞ୍ଚ ପରେ କିଛି ସମୟ ବିଶ୍ରାମ ନିଅନ୍ତୁ। ସେପରି ଜରୁରୀ କାମ ନଥିଲେ ହିଟ୍‌ଓ୍ୱେଭ ସମୟରେ ବାହାରକୁ ନ ଯିବା ଭଲ। ପର୍ଯ୍ୟାପ୍ତ ବିଶୁଦ୍ଧ ପାଣି ପିଅନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ବଜାରର କୋଲଡ୍ରିଙ୍କସ ଠାରୁ ଘରୋଇ ପ୍ରସ୍ତୁତ ପାନୀୟ ଖୁବ ଭଲ। ଗରମ ଦିନ ହୋଇଥିଲେ ମଧ୍ୟ ଖାଇବା ଦିଗକୁ ଭଲ ଭାବେ ସମୟ ଦିଅନ୍ତୁ ଏବଂ ଗ୍ରୀଷ୍ମ ଋତୁ ଜାତୀୟ ଫଳ ଶରୀର ପାଇଁ ଖୁବ ଭଲ। କର୍ମକ୍ଷେତ୍ରରେ କିଛି ସମୟ ମୋବାଇଲ ଦେଖିବା ବ୍ୟତୀତ ସହକର୍ମୀଙ୍କ ସହ ସମୟ ବିତାନ୍ତୁ।

ସବୁଠାରୁ ବଡ଼ କଥା ହେଉଛି ଅଫିସ କାମ ଅଫିସରେ, ଘର କାମ ଘରେ। ଏହି ନୀତିଟି ଭଲ ଭାବେ ସୁପରିଚାଳନା କରନ୍ତୁ। ହୋଇପାରେ ଅଫିସର ଫାଇଲପତ୍ର କାର୍ଯ୍ୟ ଘରେ ବି ଦେଖିବାକୁ ବା ପରିଚାଳନା କରିବାକୁ ପଡ଼ିପାରେ କିନ୍ତୁ ଏ ସବୁ ଭିତରେ ଏହା ଯେପରି ଆପଣଙ୍କ ମାନସିକ କ୍ଷେତ୍ରକୁ ପ୍ରଭାବିତ ନକରେ ସେ ଦିଗକୁ ଦେଖନ୍ତୁ। ଗ୍ରୀଷ୍ମ ବଢୁଛି, ଅସହ୍ୟ ତାତି, ଝାଞ୍ଜି ପରିବେଶ ବେଳେ ବେଳେ ଘରକୁ ତତଲା ତାଓ୍ୱା ଭିତରକୁ ଠେଲି ଦେଉଛି କିନ୍ତୁ ଅଧିକ ସମୟ ଏସି ବ୍ୟବହାର ନକରିବା ଭଲ। ପ୍ରତ୍ୟୁଷରୁ ପ୍ରାତଃ ଭ୍ରମଣରେ ସବୁଜ ପରିବେଶ ମାନସିକ ସକାରାତ୍ମକ କ୍ଷେତ୍ରକୁ ଏକ ଉର୍ଜ୍ଜା ଦେଇଥାଏ। ହିଟ୍‌ଓ୍ୱେଭ ସମୟରେ ମାନସିକ ଭାବନାକୁ ନେଇ ନିଜେ ସେପରି କିଛି ଭାବନ୍ତୁ ନାହିଁ। କିଛି ମାନସିକ ସମସ୍ୟା ଉପୁଜିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି। ତେବେ ଏକ୍ଷେତ୍ରରେ ନିକଟତମ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯେଉଁ ସମୟରେ ପୀଡ଼ିତ ଜଣଙ୍କ ବିଶେଷକରି ଚିଡ଼ଚିଡ଼ାପଣ ଦେଖାଉଛନ୍ତି ସେ ସମୟରେ ତାଙ୍କୁ କୌଣସି ଜବାବ ନ ଦେଇ ବରଂ ବୁଝାଇ ସ୍ୱାଭାବିକ କରନ୍ତୁ। ତେଣୁ ହିଟଓ୍ୱେଭର ପ୍ରଭାବକୁ ପ୍ରତିହତ କରିବାପାଇଁ ମାନସିକ ଭାବନାକୁ ସକରାତ୍ମକ କଲେ ଏହା କୌଣସି ଚିନ୍ତାଜନକ ହେବନାହିଁ।



**ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

ମହକ

### କଳା, ସାହିତ୍ୟ, ସଂସ୍କୃତି, ପୂଜ୍ୟପୂଜା ଓ ସମାଜସେବାର ଅପୂର୍ବ ସମ୍ଭାର :

# ସାରସ୍ୱତ ସାଧକ ଇଂ.ଗୋପାଳ କୃଷ୍ଣ ଦାସ

ଈଶ୍ୱରଙ୍କ ଅପାର କରୁଣାରୁ ପ୍ରକୃତି କୋଳରେ ନୂତନ ସୃଷ୍ଟି ସମ୍ଭାର ଏ ଧରା ପୃଷ୍ଠରେ ଜନ୍ମ ନିଏ । ସବୁ ଜନ୍ମ ମଧ୍ୟରେ ମାନବ ଜନ୍ମ ଶ୍ରେଷ୍ଠ । ମଣିଷ ନିଜର କର୍ମ ନେଇ ମହାନ୍ ହୋଇ ଉଠେ। ସଭ୍ୟତାରେ ତାଳେ ତାଳେ ସମାଜର ବିକାଶ ସାହିତ୍ୟ ସଂସ୍କୃତିର ବିକାଶ ଅନିବାର୍ଯ୍ୟ। ସହିତରେ ଥାଇ ସମ୍ୟକ ରୂପେ ହିତସାଧନ ହେଲେ ତାକୁ ସାହିତ୍ୟ କୁହାଯାଏ। ଉତ୍କୃଷ୍ଟ କଳାର ଦେଶ ଉତ୍କଳ ଭୂଖଣ୍ଡ। ଉତ୍କଳର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ଗାରିମାମୟ କୃତୀ, କୀର୍ତ୍ତି ସାରା ବିଶ୍ୱ ବନ୍ଦିତ। ଉତ୍କଳ ଏହି ଇତିହାସକୁ ଆମ ସମାଜର ବରେଣ୍ୟ ସାଧକ ଗଣ ନିଜର ସାଧନା ବଳରେ ସଦା ଉଜ୍ଜୀବିତ କରି ରଖିଛନ୍ତି। ସାମାଜିକ ପ୍ରାଣୀ ମଣିଷ ଭାବ ସେ ସମାଜ ସଭ୍ୟତା ଆଦିକୁ ନେଇ ବଞ୍ଚେ। ନିଜର ଅନନ୍ୟ ଆଦର୍ଶ,କର୍ମ ହିଁ ଆମ ପରିଚୟ। ସେବାକାର୍ଯ୍ୟ କରି ଆମ ମହାପୁରୁଷ ଗଣ ଉଦାହରଣ ପାଲଟିଛନ୍ତି। ସେହିଭଳି ଜଣେ ଅନନ୍ୟ ଆଦର୍ଶରେ ଅନୁପ୍ରାଣିତ ବିଶିଷ୍ଟ ପ୍ରତିଭାଧାରୀ, ନୀତିନିଷ୍ଠ, ଧର୍ମପ୍ରାଣ ବ୍ୟକ୍ତିତ୍ୱ, ସାମାଜିକ କର୍ମୀ, ରକ୍ତଦାତା, ସମାଜ ସଂସ୍କାରକ, ମହାନ୍ ମଣିଷ, ପରିବେଶବିତ, କବି, ସାହିତ୍ୟିକ, ସୁବକ୍ତା(ମୋଟିଭେଟନାଲ୍ ସ୍ପିକର), ବୈଷୟିକ ଜ୍ଞାନ କୌଶଳ ତଥା ପ୍ରଯୁକ୍ତି ବିଦ୍ୟାରେ ଉଚ୍ଚ କୋଟିର ଗବେଷକ ଇଂ.ଗୋପାଳ କୃଷ୍ଣ ଦାସ ଅନ୍ୟତମ। ସେ ଯାଜପୁର ଜିଲ୍ଲା ବରୀ ବ୍ଲକ ଅମଠପୁର ପଞ୍ଚାୟତ ଇନ୍ଦୁପୁର ମାଧ୍ୟମ ଉପକଣ୍ଠ ରାଉତସାହି ଗ୍ରାମରେ ୧୯୮୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ



ପିତାଙ୍କ ନାମ ଶିକ୍ଷାବିତ୍ ଅଶୋକ କୁମାର ଦାସ ଓ ମାତାଙ୍କ ନାମ ଶିକ୍ଷୟିତ୍ରୀ ରମା ଦାସ। ତାଙ୍କ ପିତା ମାତାଙ୍କ ଅନନ୍ୟ ଆଦର୍ଶ, ସଂସ୍କାର, ନୀତିଶିକ୍ଷା, ଆଚାର ବ୍ୟବହାର ଆଦି ସମସ୍ତ ସୁଗୁଣ ଗୁଡିକ ସାମାଜିକ କର୍ମୀ ଗୋପାଳ କୃଷ୍ଣଙ୍କ ଉପରେ ଖୁବ୍ ପ୍ରଭାବ ପକାଇଛି ଫଳରେ ସେ ଆଜି ସମାଜରେ ଖୁବ୍ ପ୍ରତିଷ୍ଠିତ ମଣିଷ ଭାବେ ଦଣ୍ଡାୟମାନ। ସେ ନିଜ ଗାଁ ସ୍କୁଲ ରାଉତସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବାଲ୍ୟଶିକ୍ଷା ଆରମ୍ଭ କରି ପଣ୍ଡିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ରାଉତସାହି ମାଟ୍ରିକ ପାସ୍ ପରେ ମାଷ୍ଟର ଇନ୍ କମ୍ପ୍ୟୁଟର ଆପ୍ଲିକେସନ ଭଳି ଉଚ୍ଚଶିକ୍ଷା ଲାଭ କରି ଅଧୁନା ବହୁ ପ୍ରତିଷ୍ଠିତ ଘରୋଇ ଉଦ୍ୟୋଗରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟରତ। ରାଜ୍ୟର ବିଭିନ୍ନ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ମଧ୍ୟ କର୍ମ ସଂସ୍ଥାନ ଯୋଗାଇ ଦେବା ଏବଂ ସେମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ଆଉ ପ୍ରଯୁକ୍ତି ବିଦ୍ୟାରେ ନୂତନ ଭାବ ମାର୍ଗଦର୍ଶନ କରୁଛନ୍ତି। ସେ ଧୀର ଶାନ୍ତ ସ୍ୱଭାବର ଉଦାହରଣୀୟ ବ୍ୟକ୍ତିତ୍ୱ। ପ୍ରତ୍ୟେକ ମାସରେ ରାମକୃଷ୍ଣ ବାଳାଶ୍ରମରେ ଅନାଥ ପିଲାଙ୍କ ଜନ୍ମ ଦିନ ପାଳନ କରନ୍ତି ସେମାନଙ୍କୁ ଖୁସି ବାଣ୍ଟନ୍ତି ଆଉ ନିଜେ ମଧ୍ୟ ଖୁବ୍ ଆତ୍ମତୃପ୍ତି ଲାଭ କରନ୍ତି। ସେ ଜନସଚେତନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସେବା ଶିବିର, ବୃକ୍ଷରୋପଣ, ସେବାକାର୍ଯ୍ୟ, ଅସହାୟ ଲୋକଙ୍କୁ ସହଯୋଗ ପ୍ରଦାନ, କମ୍ବଳ ଓ ଖାଦ୍ୟ ବଣ୍ଟନ, ବିଶେଷ କରି ଶିଶୁ କର୍କଟ ରୋଗୀଙ୍କ ସେବାରେ ସମର୍ପିତ, ସାହିତ୍ୟ ସେବା, ଧାର୍ମିକ କାର୍ଯ୍ୟରେ ଯଥୋଚିତ ସହଯୋଗ ସହ ଶ୍ରମ ଦାନ ଆଦି ଅନେକ କାର୍ଯ୍ୟ କରିଚାଲିଛନ୍ତି ଯାହାର ପଟ୍ଟାନ୍ତର ନାହିଁ। ଛୁଟିଦିନ ମାନଙ୍କରେ ସେ ରାଜଧାନୀ ଏବଂ କଟକ ଉପକଣ୍ଠ ବିଭିନ୍ନ ଆଶ୍ରମ, ସେଲ୍ଟର ହୋମ, ବାଳାଶ୍ରମ, ବିଦ୍ୟାଳୟ ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ପହଞ୍ଚି ବିଭିନ୍ନ ସେବା କାର୍ଯ୍ୟକ୍ରମ, ସଫେଇ, ଖାଦ୍ୟ ବଣ୍ଟନ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଶିଶୁ କର୍କଟ ରୋଗୀ ମାନଙ୍କୁ ନ୍ୟୁଟ୍ରେସନ୍ ଫୁଡ୍ ବଣ୍ଟନ ସହ ସେମାନଙ୍କ ମନୋବଳକୁ ଦୃଢ଼ କରିବା ସେମାନଙ୍କ ସହ ସମୟ ଦେଇ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ଚିନ୍ତା କରିବା ଆଦି ବହୁ ଜନମଙ୍ଗଳ ଅତି ମାନବୀୟ କାର୍ଯ୍ୟରେ ସେ ସଦା ତତ୍ପର ଓ ସଫଳ ମଧ୍ୟ । ଏହି କାର୍ଯ୍ୟରେ ତାଙ୍କ ପିତାମାତାଙ୍କ ସହ ଧର୍ମ ପତ୍ନୀ ଆଦର୍ଶ ନାରୀ ପ୍ରତିଭା ଶିକ୍ଷାବିତ୍ ପ୍ରଭାସିନୀ ଦାସ, ଜ୍ୟେଷ୍ଠ ପୁତ୍ର ଶ୍ରୀମାନ୍ ଶୁଭମ୍ ଦାସ, କନିଷ୍ଠ ପୁତ୍ର ଶ୍ରୀମାନ ଶ୍ରୀୟମ ଦାସ ମଧ୍ୟ ପ୍ରେରଣା ଯୋଗାଇ ଚାଲିଛନ୍ତି । ନିଜ ଅଞ୍ଚଳର ବିକାଶ ସହ କଟକ ଭୁବନେଶ୍ୱର ବିଭିନ୍ନ ସଂଗଠନ ସହ ଜଡିତ ରହି ବହୁ ଉନ୍ନତି ମୂଳକ କାର୍ଯ୍ୟକରୁଛନ୍ତି । ନିଜ ଅଞ୍ଚଳର ଅନେକ ଗଠନ ମୂଳକ କାର୍ଯ୍ୟର ସେ ମୁଖ୍ୟ ସୂତ୍ରଧର । ଏହି ରକ୍ତବୀର ଜଣକ ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ସହ ନିଜେ ଏଯାବତ୍ ୬୬ ଥର ରକ୍ତଦାନ କରି ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନିଜ ମା'ଙ୍କ ନାମରେ ମଧ ରମା ଦେବୀ ସେବା ସଂଗଠନ କରି ଅନେକ ସେବା କାର୍ଯ୍ୟ ନିଜ ଅଞ୍ଚଳ ସହ ରାଜଧାନୀରେ ମଧ୍ୟ କରୁଛନ୍ତି । ସେ ଶୋଭନୀୟତାର ପ୍ରତୀକ ଏବଂ ଜଣେ ଜ୍ଞାନୀ, ଧୈର୍ଯ୍ୟଶୀଳ, ଅତ୍ୟନ୍ତ ନମ୍ର ଆଉ ଭଦ୍ର ବ୍ୟକ୍ତି ଭାବେ ପରିଚିତ। ଛାତ୍ର ଜୀବନରୁ ସେ ନିଜର ସକ୍ଷମ ଅନୁଯାୟୀ ସୁକର୍ମ ମାଧ୍ୟମରେ, ସମାଜ ପାଇଁ ନିଜର କର୍ତ୍ତବ୍ୟ କରି ଆସୁଛନ୍ତି। ଜଣେ ଖ୍ୟାତିସମ୍ପନ୍ନ କବି ବା ଲେଖକ ଭାବେ ବହୁ ସଭାସମିତିରେ ଯୋଗଦାନ କରି କବିତା ଆବୃତ୍ତି କରିବା, କବିତା ସଂଯୋଜନା କରିବା ଆଦି ଅନେକ ପ୍ରତିଭା ରହିଛି। ତାଙ୍କ ଲିଖିତ ବହୁ କବିତା ଆଉ ପ୍ରବନ୍ଧ ସଂକଳନ ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି। ଓଡ଼ିଆ ସାହିତ୍ୟ,ଭାଷା ଓ ସଂସ୍କୃତିର ବିକାଶ ପାଇଁ ସେ ସଦା ସର୍ବଦା ବ୍ରତୀ। ତାଙ୍କର ଅନେକ ପୁସ୍ତକ ଏବେ ପ୍ରକାଶିତ ଅପେକ୍ଷାରେ। ସେ ନିଜେ ୱେବସାଇଟ ଓ ଆଣ୍ଡ୍ରଏଡ ମୋବାଇଲ ଆପ ତିଆରି କରି ଲୋକମାନଙ୍କୁ କିପରି ଓଡ଼ିଆ ସାହିତ୍ୟ, ଭାଷା ଓ ସଂସ୍କୃତି ପାଇଁ ମନ ବଳାଇ ବା ପାଇଁ ସର୍ବଦା ଚେଷ୍ଟିତ। ଦୁଃଖୀ ଲୋକଙ୍କୁ ଖୁସି ବାଣ୍ଟିବେ ମାନବ ସେବାରେ ସମର୍ପିତ ହୋଇ ରହିବେ । ଏହି ସେବାପ୍ରାଣ, ଅନନ୍ୟ ସାରସ୍ୱତ ସାଧକ, ସମାଜର ଗର୍ବ, ଗୌରବ ଚେତନାର କେନ୍ଦ୍ରବିନ୍ଦୁ ଯାହାଙ୍କର ସବୁଠି ରହିଛି ପ୍ରଶଂସା। ଉତ୍କଳ ମାତାର ଏହି ସୁଯୋଗ୍ୟ ସନ୍ତାନ ବହୁ ମହତ୍ ଚିନ୍ତା ଚେତନାରେ ଅନୁପ୍ରାଣିତ ବିଶିଷ୍ଟ ସାମାଜିକ କର୍ମୀ, ବହୁମୁଖୀ ପ୍ରତିଭା, ଖ୍ୟାତି ସମ୍ପନ୍ନ ସାହିତ୍ୟିକ ତଥା ରକ୍ତ ତୀର୍ଥ ବରୀ କଟକ ମାଟିର ସୁଯୋଗ୍ୟ ସନ୍ତାନ ଇଂ.ଗୋପାଳ କୃଷ୍ଣ ଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।










## ଏହି ସପ୍ତାହ, ସେହି ବର୍ଷ (ଜୁନ୍ ୧୪-୨୦)

### ଏଇ ସପ୍ତାହ

ଜୁନ୍ ୧୪, ୧୯୦୭- ନରୱେରେ ମହିଳାମାନଙ୍କୁ ମତଦାନର ଅଧିକାର ମିଳିଥିଲା।




ଜୁନ୍ ୧୫, ୨୦୦୬-ଭାରତ ଓ ଚୀନ୍ ପୁରୁଣା ସିଲ୍କ ରୁଟ୍ ଖୋଲିବା ପାଇଁ ନିର୍ଣ୍ଣୟ ନେଇଥିଲେ।



ଜୁନ୍ ୧୬, ୧୯୨୪- ଚୀନ୍‌ରେ ହ୍ୱାମ୍‌ପୋଆ ସୈନ୍ୟ ଏକାଡେମୀର ସ୍ଥାପନା ହୋଇଥିଲା।



ଜୁନ୍ ୧୭, ୨୦୦୨- କରାଚୀରେ ଆମେରିକୀ ବାଣିଜ୍ୟ ଦୂତାବାସ ପୁନଃ ଖୋଲାଯାଇଥିଲା।



ଜୁନ୍ ୧୮, ୧୯୫୬-ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହୋଇଥିଲା।



ଜୁନ୍ ୧୯, ୧୯୧୦- ୱାଶିଂଟନ୍ ପ୍ରଥମ ଫାଦର୍ସ ଡେ' ପାଳନ କରିଥିଲା।



ଜୁନ୍ ୨୦, ୧୮୮୭-ଦେଶର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ, ଛତ୍ରପତି ଶିବାଜୀ ଟର୍ମିନସ୍ ଲୋକମାନଙ୍କ ପାଇଁ ଖୋଲାଯାଇଥିଲା।





# ଶ୍ରୀକ୍ଷେତ୍ରରେ ବୈକୁଣ୍ଠ

ଅଲେଖ ଚନ୍ଦ୍ର ସାମଲ

**ମହାପ୍ରଭୁ ହେଉଛନ୍ତି ଅନନ୍ତ ଚେତନା, ଅମିତ ଭାବର ଭଣ୍ଡାର। ଦାରୁବ୍ରହ୍ମ ହେଉଛନ୍ତି ଦାରୁ ଓ ବ୍ରହ୍ମଙ୍କର ମିଳିତ ସ୍ୱରୂପ। ଓଡ଼ିଶାର ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା। ତାଙ୍କର ନୀତିକାନ୍ତି ସବୁକିଛି ସ୍ୱତନ୍ତ୍ର। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରେ ଅନେକ ସ୍ୱତନ୍ତ୍ରତା ରହିଛି। ବିଶେଷକରି ଶ୍ରୀକ୍ଷେତ୍ର ସମ୍ବନ୍ଧିତ ବୈକୁଣ୍ଠ ସମ୍ପର୍କରେ ଆମର ଆଲୋଚନା।**

**ନୀଳାଦ୍ରି ବୈକୁଣ୍ଠ :** ନୀଳାଦ୍ରି ଶବ୍ଦ ପ୍ରଥମେ ତାମିଲନାଡୁର ଆଲୱାର ଭକ୍ତମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା ଗବେଷଣାରୁ ଜଣାପଡ଼ିଛି। ମହାପ୍ରଭୁ ଜଗନ୍ନାଥ ଯେଉଁ ରତ୍ନସିଂହାସନରେ ବିଜେ କରିଛନ୍ତି ତାହାକୁ ନୀଳାଦ୍ରି ବୈକୁଣ୍ଠ କୁହାଯାଏ। ଏହା ଅତ୍ୟନ୍ତ ପବିତ୍ର। ଏହି ବୈକୁଣ୍ଠ ଦର୍ଶନ କଲେ ମଣିଷକୁ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

**ଲୀଳା ବୈକୁଣ୍ଠ :** ନୀଳାଦ୍ରି ବୈକୁଣ୍ଠ ବା ରତ୍ନବେଦିର ସମ୍ମୁଖରେ ଗରୁଡ଼ ସ୍ତମ୍ଭଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଜଗମୋହନକୁ ଲୀଳା ବୈକୁଣ୍ଠ କୁହାଯାଏ। ମହାପ୍ରଭୁଙ୍କ ପ୍ରତିନିଧି ଅର୍ଚ୍ଚା ବିଗ୍ରହମାନେ ଏହି ଠାରେ ଲୀଳା କରିଥାନ୍ତି। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଆଡ଼ପ ମଣ୍ଡପରୁ ଆସିଲା ବେଳେ ଏହି ବୈକୁରେ ଦଣ୍ଡାୟମାନ ହୋଇ ବନ୍ଦାପନା ଲୀଳା ହୋଇଥାଏ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଏବେ ମଧ୍ୟ ରଥଯାତ୍ରାରେ ଶ୍ରୀଜୀଉ ରତ୍ନବେଦୀକୁ ଫେରିଲା ବେଳେ ଏହି ବୈକୁଣ୍ଠରେ ମହାପ୍ରଭୁଙ୍କ ଲୀଳା ହେଉଛି।

**ପୂର୍ବ ବୈକୁଣ୍ଠ :** ଶ୍ରୀମନ୍ଦିର ପରିସରରେ ଦୁଇଟି ବୈକୁଣ୍ଠ ଥିବାସ୍ଥଳେ ବାହାର ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପୂର୍ବ ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପର୍ବ ବୈକୁଣ୍ଠ। ଯେଉଁଠାରେ ଶ୍ରୀପତିତପାବନ ବିଜେ କରିଛନ୍ତି। ମହାପ୍ରଭୁ ଏହି ଦ୍ୱାର ଦେଇ ରଥଯାତ୍ରାକୁ ବିଜେ କରିଥାନ୍ତି ଏବଂ ନୀଳାଦ୍ରି ମହୋଦୟ ଅବସରରେ ରତ୍ନବେଦିକୁ ଫେରିଥାନ୍ତି। ଏହା ହେଉଛି ପ୍ରଥମ ପ୍ରବେଶ ପଥ। ଏହି ବୈକୁଣ୍ଠରେ ଭକ୍ତଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ।

**ବ୍ରହ୍ମ ବୈକୁଣ୍ଠ :** ଶ୍ରୀମନ୍ଦିର ପରିସରକୁ ସିଂହଦ୍ୱାର ଦେଇ ପ୍ରବେଶ କରି ବାମପଟେ ଆଗେଇଲେ ଏକ ମଣ୍ଡପ ପରିଦୃଷ୍ଟ ହୋଇଥାଏ। ଏହା ମୁକ୍ତିମଣ୍ଡପ ଭାବେ ପରିଚିତ। ଏହି ମୁକ୍ତି ମଣ୍ଡପକୁ ହିଁ ବ୍ରହ୍ମ ବୈକୁଣ୍ଠ କୁହାଯାଏ। ଏହାର ଅନ୍ୟନାମ ବ୍ରହ୍ମାସନ। ଶ୍ରୀମନ୍ଦିର ପ୍ରତିଷ୍ଠାକାଳରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆମନ୍ତ୍ରଣ କ୍ରମେ ପ୍ରଜାପତି ବ୍ରହ୍ମ ମର୍ତ୍ତ୍ୟଲୋକକୁ ଆସି ଏହି ମଣ୍ଡପରେ ଅବସ୍ଥାନ କରିଥିଲେ। ଯେଉଁଠାରେ ମୁଣ୍ଡ ଲଗାଇ ସମର୍ପିତ ହେଲେ ବ୍ରହ୍ମା ଆଶୀର୍ବାଦ କରିଥାନ୍ତି।

**ପଶ୍ଚିମ ବୈକୁଣ୍ଠ :** ଶ୍ରୀମନ୍ଦିରର ପଶ୍ଚିମରେ ପାର୍ଶ୍ୱ ଦେବତା ଭାବେ ବସିଛନ୍ତି ଶ୍ରୀନୃସିଂହ। ତା'ର ତଳ ଅଂଶ ନିଶାତଳ ଭାବେ ପ୍ରସିଦ୍ଧ। ଏହି ନିଶାତଳ ଠାରୁ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ମଣ୍ଡପ ପର୍ଯ୍ୟନ୍ତ ଅଞ୍ଚଳକୁ ପଶ୍ଚିମ ବୈକୁଣ୍ଠ କୁହାଯାଏ। ଏହି ମଣ୍ଡପରେ ଶ୍ରୀଦେବୀ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ଗୁପ୍ତଲୀଳା ହୋଇଥାଏ। ୮୦୦ ବର୍ଷ ତଳେ ଏହି ମଣ୍ଡପକୁ ଦୃଷ୍ଟିରେ ରଖି ବର୍ତ୍ତମାନର ମା'ଲକ୍ଷ୍ମୀଙ୍କ ମନ୍ଦିର ତିଆରି ହୋଇଥିଲା।

**ପାତାଳ ବୈକୁଣ୍ଠ :** ଶ୍ରୀମନ୍ଦିରର ଉତ୍ତରପାର୍ଶ୍ୱ ବେଢ଼ାରେ ଆନନ୍ଦବଜାର ପ୍ରବେଶ ପଥ ଅଞ୍ଚଳକୁ ପାଟ ଅଗଣା କୁହାଯାଏ। ଏହି ପାଟ ଅଗଣାର ଉତ୍ତର ପାର୍ଶ୍ୱରେ ମହାପ୍ରଭୁ ବାମନ ରୂପେ ବଳି ରାଜାଙ୍କୁ ପାତାଳ କରାଇଥିଲେ ବୋଲି ବିଶ୍ୱାସ ରହିଛି। ସେହିଠାରେ ପାତାଳେଶ୍ୱର ମନ୍ଦିର ରହିଛି। ଏହାକୁ ପାତାଳି ବୈକୁଣ୍ଠ କୁହାଯାଏ।

**ଅମର ବୈକୁଣ୍ଠ :** ଏହି ବୈକୁଣ୍ଠଟି ଶ୍ରୀମନ୍ଦିର ବାହାରେ ତୀର୍ଥରାଜ ମହୋଦଧି କୂଳରେ ସ୍ୱର୍ଗଦ୍ୱାର ଭାବେ ପରିଚିତ। ଏହା ମୁକ୍ତିର ମାର୍ଗ ପୁଣି ମୋକ୍ଷର ମାର୍ଗ। ବିଶ୍ୱାସ ରହିଛି ମନୁଷ୍ୟକୁ ମୃତ୍ୟୁପରେ ଏହି ମହାଶ୍ମଶାନରେ ଦାହ କରାଗଲେ ପୁନର୍ଜନ୍ମରୁ ମୁକ୍ତି ଲାଭ ମିଳିଥାଏ।

**କୋଇଲି ବୈକୁଣ୍ଠ :** ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱ ବେଢ଼ାରେ ଏହା ଅବସ୍ଥିତ। ଏହାକୁ



କୈବଲ୍ୟ ବୈକୁଣ୍ଠ କୁହାଯାଏ। ମହାପ୍ରଭୁ ନବକଳେବର ଅବସରରେ ଏହିଠାରେ ଥିବା ଶିଆଳିଲଟା ମୂଳରେ କୈବଲ୍ୟ ଲୀଳା କରୁଥିବାରୁ ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ନବକଳେବର ସମୟରେ ମହାପ୍ରଭୁ ଏଠାରେ ପାତାଳି ଲୀଳା କରିଥାନ୍ତି। ଏହିଠାରେ କାରୁଶାଳାରେ ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ଚିହ୍ନଟ ହୋଇ ଆସି ପୂଜା ପାଇଥାନ୍ତି। ସେଠାରେ ଗୁପ୍ତନୀତି ପରେ ମହାପ୍ରଭୁଙ୍କର ନୂତନ ଶ୍ରୀବିଗ୍ରହ ନ୍ୟାସ ହୁଏ। ତାନ୍ତ୍ରିକମାନେ ଏହି ସ୍ଥାନକୁ ମହାଶ୍ମଶାନ ବୈକୁଣ୍ଠ ବୋଲି ଗ୍ରହଣ କରନ୍ତି।

**ଅନନ୍ତ ବୈକୁଣ୍ଠ :** ମହାପ୍ରଭୁଙ୍କ ଆବିର୍ଭାବ ସ୍ଥାନ ହେଉଛି ଏହି ଅନନ୍ତ ବୈକୁଣ୍ଠ। ଯେଉଁଠାରେ ଅପୌରୁଷେୟ ଦାରୁର ଚତୁର୍ଦ୍ଧା ବିଗ୍ରହ ନିବୁଜ ସ୍ଥାନରେ ଆବିର୍ଭୂତ ହୋଇଥିଲେ। ମାଧ୍ୟମ ଥିଲେ ସ୍ୱୟଂ ନିଜେ। ନିଜେ ଆସିଥିଲେ ବିଶ୍ୱକର୍ମା ଭାବେ, ଯେଉଁଠି ମହାପ୍ରଭୁ ଅପାର ମହିମା ପ୍ରଦାନ କରନ୍ତି। ଅର୍ଥାତ୍ ଯେଉଁ ମହିମାର ଅନ୍ତ ନାହିଁ। ସେହି ଅନନ୍ତ ମହିମା ବିତରଣ ପାଇଁ ପ୍ରତିବର୍ଷ ସେଠାରେ ବିଜେ ହୋଇ ଅନନ୍ତ ମହିମା ଭକ୍ତଜନଙ୍କୁ ବିତରଣ କରୁଛନ୍ତି। ତାହା ହିଁ ଅନନ୍ତ ମଣ୍ଡପ- ଅନନ୍ତ ବୈକୁଣ୍ଠ ଆଡ଼ପ ମଣ୍ଡପ ଜନ୍ମ ମଣ୍ଡପ।

ଉତ୍କଳର ଆରାଧ୍ୟ ଦେବ ଶ୍ରୀଜଗନ୍ନାଥ ହେଉଛନ୍ତି କୃପାମୟ ସବୁଠି ତାଙ୍କ ଅନନ୍ତ କୃପା ଓ ଦିବ୍ୟ ଲୀଳା ଅନେକଙ୍କୁ ପ୍ରାପ୍ତ ହେଉଛି। ମହାପ୍ରଭୁ ହେଉଛନ୍ତି ପୁରୁଷୋତ୍ତମ ସେ ହିଁ ଅନନ୍ତ, ଅବ୍ୟକ୍ତ ଏବଂ ଭାବଗ୍ରାହୀ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**
E-mail : alekha007samal@gmail.com



# ଲାଲବାଗ କୋଠୀ

ହାଇକୋର୍ଟ ଆଡୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଯିବା ପୂର୍ବରୁ ଡାହାଣ ପଟେ ଅର୍ଥାତ୍ ଚାନ୍ଦିନୀଚୌକ ଡାକଘରକୁ ଲାଗିଛି କଟକ ସହରର ଅନ୍ୟତମ ପୁରୁଣା ଥାନା 'ଲାଲବାଗ ଥାନା'। ଏହି ଥାନାର ସାମ୍ନାରେ ହିଁ ଶିଶୁଭବନ। ଯଦିଓ ବର୍ତ୍ତମାନ ଥାନା ସାମ୍ନାର ଶିଶୁଭବନ ଗେଟ ବନ୍ଦ ରହିଛି ତେବେ ଏ ଥାନା ହେଉଛି କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଥାନା। କାରଣ ଏହା ଅଧୀନରେ ଓଡ଼ିଶା ହାଇକୋର୍ଟ, ଶିଶୁଭବନ, ଆରଡିସିଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ଦୌରାଜର୍ଜଙ୍କ କାର୍ଯ୍ୟାଳୟ, ନିମ୍ନ ଅଦାଲତ, ରେଭେନ୍ସା କଲିଜିଏଟ ସ୍କୁଲ, ରାଧାନାଥ ଟ୍ରେନିଂ କଲେଜ, ଡିଆରଡିଏ କାର୍ଯ୍ୟାଳୟ ଓ କଟକ ଗ୍ରାମାଞ୍ଚଳ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟ ରହୁଛି। ସେହିପରି ସେପଟ ଅଞ୍ଚଳକୁ ଦେଖିଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ସାଂସଦଙ୍କ ବାସଭବନ ପରି ଅଞ୍ଚଳ ରହୁଛି। ତେଣୁ ଏଇଥିରୁ ବୁଝିହୁଏ ଯେ ଲାଲବାଗ ଥାନାର ଗୁରୁତ୍ୱ ଓ ଦାୟିତ୍ୱ ଚାପ କେତେ ? ହଜାର ବର୍ଷର ସହର କଟକ। ବାଉନ ବଜାର ତେପନ ଗଳିକୁ ନେଇ ଏହାର ପରିଚିତ। କଟକ ସହରରେ ଅନେକ ସାହି, ବସ୍ତୀ, ଗଳି ସବୁ ରହିଛି। ନିକଟରେ ଲାଲାବାଗ କୋଠିର ଶେଷ ସ୍ମୃତି କୁହାଯାଉଥିବା 'ପୁରୁଣା ଲାଲବାଗ ଥାନା' ମାଟିରେ ମିଶିଲା। କହିବାକୁଗଲେ ହଜାର ବର୍ଷର ପୁରାତନ କଟକର ଏକ ଐତିହ୍ୟ ମୁଖସାକ୍ଷୀ କବର ନେଲା। ଏହା ପୂର୍ବରୁ ଶିଶୁ ଭବନ ସମ୍ପ୍ରସାରଣ ବେଳେ ମୂଳ ଲାଲବାଗ କୋଠି ଭାଙ୍ଗିଥିଲା। ଲାଲବାଗ ଶବ୍ଦଟି ଅନେକ ଓଡ଼ିଆଙ୍କ ପାଇଁ ଏକ ପରିଚିତ ଶବ୍ଦ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଯବନ ଭକ୍ତ ସାଲବେଗଙ୍କ ବାପା ହେଉଛନ୍ତି ଲାଲବାଗ। ପାଖାପାଖି ଶହେଦୁଇ ବର୍ଷ ଧରି ଲାଲବାଗ ଥାନା ଏହି ସ୍ମାରକୀରେ ପରିଚିତ ହୋଇଥିଲା।

କଟକର ସମୃଦ୍ଧ ହଜାର ବର୍ଷର ଇତିହାସରେ ଲାଲବାଗ କୋଠୀର ସ୍ଥାନ ସ୍ୱତନ୍ତ୍ର। ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୁସଲିମ ଶାସନ ଆରମ୍ଭ ହେବାର ୬୫ ବର୍ଷ ପରେ ମୁସଲମାନ ଶାସକମାନେ କଟକ ଠାରେ ଗୋଟିଏ ରାଜପ୍ରସାଦ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ଏ ସମ୍ପର୍କରେ ସମସ୍ତ ବିବରଣୀ ଲିପିବଦ୍ଧ ରହିଛି। ୧୬୩୩ ଖ୍ରୀଷ୍ଟାବ୍ଦରେ ଉଇଲିୟମ ବ୍ରୁଟନ, କ୍ୟାପଟେନ କାର୍ଟରାଇଟ ଓ ଜନ ଡାବରିନ ନାମକ ତିନି ଜଣ ଇଂରେଜ ବଣିକ ଓଡ଼ିଶାରେ ଇଂରେଜମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁମତି ପତ୍ର ହାସଲ ଉଦ୍ଦେଶ୍ୟରେ କଟକର ମୋଗଲ ସୁବେଦାରଙ୍କ ପାଖକୁ ଆସିଥିଲେ। ସେମାନଙ୍କର ବିବରଣୀ ବ୍ରୁଟନ ବିଶଦ ଭାବରେ ଲେଖି ଯାଇଛନ୍ତି। ସେ ସମୟରେ କାଠଯୋଡ଼ି ନଦୀ କୂଳରେ ଯେଉଁ ରାଜପ୍ରସାଦ ନିର୍ମାଣ ହୋଇଥିଲା ତାହା ଥିଲା 'ଲାଲବାଗ କୋଠୀ'। ଲାଲବାଗ କୋଠୀର ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ମୋଗଲ ସୁବେଦାରଙ୍କ ଠାରୁ ମରହଟ୍ଟା, ଇଂରେଜ ଅମଳର ପ୍ରାଦେଶିକ ଶାସନକର୍ତ୍ତାଗଣ ଏହିଠି ଅବସ୍ଥାନ କରୁଥିଲେ। କାଠଯୋଡ଼ି କୂଳର ସୁପ୍ରଶସ୍ତ କ୍ଷେତ୍ର ଉପରେ ତତ୍କାଳୀନ ସୁବେଦାର ମୁତାକ୍ୱାତ୍ ଖାନ ଆଖପାଖ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଥିଲେ। ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଏଠାରେ ପ୍ରାଦେଶିକ ଶାସନର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସବୁ ନିର୍ମାଣ ହୋଇଥିଲା। ଅନେକ ସରକାରୀ କାର୍ଯ୍ୟାଳୟ ଗଢ଼ି ଉଠିଥିଲା ପରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ, ରାଜସ୍ୱ ପରିଷଦ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା।

କଟକରେ ମୁସଲମାନ କୀର୍ତ୍ତି ସମ୍ପର୍କରେ ଗବେଷଣା କରିଥିବା ପ୍ରଫେସର ଆଲଫତ୍ ହୁସେନଙ୍କ ତଥ୍ୟ ଅନୁଯାୟୀ 'କଟକର ଲାଲବାଗ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ବାସସ୍ଥାନ ରୂପରେ ବ୍ୟବହୃତ ହେଉଥିଲା। ୧୬୩୩ ଖ୍ରୀଷ୍ଟାବ୍ଦରେ ବ୍ରୁଟନ ନାମକ ଜଣେ ଇଂରେଜ ବଣିକ କଟକ ଆସିଥିଲେ। ସେତେବେଳେ ନବାବ ଗୋଟିଏ ପ୍ରାସାଦ ନିର୍ମାଣ କରୁଥାଆନ୍ତି। ସମ୍ଭବତଃ ନବାବଙ୍କ ନାମ ଥିଲା ବାକିର ଖାଁ। ତାଙ୍କରି ନାମାନୁସାରେ କଟକର ଏକ ଅଞ୍ଚଳର ନାମ 'ବାଖରାବାଦ' ରଖାଯାଇଛି। ଆଲିବର୍ଦ୍ଦିନ ଖାଁଙ୍କର ପୁତୁରା ସାଉଲତ୍ ଜଙ୍ଗ ଲାଲବାଗ ଜେଲରେ ବନ୍ଦୀ ଥିଲେ। ସେ ଯେତେବେଳେ ସେଠାରୁ ମୁକ୍ତ ହେଲେ ସେତେବେଳେ ରିଆଜ୍‌ସ ସାଲିତିନ ୧୭୪୨ ଖ୍ରୀଷ୍ଟାବ୍ଦରେ ଏହି ଅଞ୍ଚଳକୁ 'ଲାଲବାଗ' ବୋଲି କହିଥିଲେ। ସେହି ଦିନରୁ ଏହା ଲାଲବାଗ ରୂପେ ପରିଚିତ।

୧୯୪୮ ମସିହାରେ ଏହି କୋଠାର ଏକ ଅଂଶରେ ଶିଶୁରୋଗର ଉନ୍ନତ ଚିକିତ୍ସା ନିମିତ୍ତ 'ଶିଶୁଭବନ' ନିର୍ମାଣ ହୋଇଥିଲା। ତେବେ ଲାଲବାଗ ନାମକରଣକୁ ନେଇ ଐତିହାସିକ ଓ ଗବେଷକମାନଙ୍କ ତଥ୍ୟ ଭିତରେ ଅମେଳ ରହିଛି। ୧୬୧୭ରେ ଅବିଭକ୍ତ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଥିବା ଲାଲାବେଗଙ୍କ ସ୍ମୃତିରେ ଲାଲବାଗ କୋଠା ତିଆରି ହୋଇଥିଲା ବୋଲି କେହି କେହି କୁହନ୍ତି। ତେବେ ଉଇଲିୟମ ବ୍ରୁଟନ ସାହେବଙ୍କ ଲିପିବଦ୍ଧ ବିବରଣୀ ଅନୁଯାୟୀ ୧୫୬୮ ମସିହାରେ ମୁକୁନ୍ଦ ଦେବଙ୍କ ପରଠାରୁ ବାରବାଟୀ ଦୁର୍ଗର ପତନ ଆରମ୍ଭ ହୋଇଯାଇଥିଲା। ତତ୍କାଳୀନ ମୋଗଲ ସୁବେଦାରମାନେ ନିଜ ଇଚ୍ଛାନୁଯାୟୀ ଏହି ଭବନର ନାମକରଣ କରିଥିଲେ। ଓଡ଼ିଶାର ଗୌରବପୂର୍ଣ୍ଣ ଇତିହାସରେ ଲାଲବାଗ କୋଠୀର ସ୍ମୃତି ଅନେକ। ଲାଲବାଗ କୋଠୀର ଶେଷ ସ୍ମୃତି ଏହି ଲାଲବାଗ ଥାନା ଥିଲା। ଆଜି ସମୟର ଆହ୍ୱାନ ଓ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନେକ ପୁରାତନ ଐତିହ୍ୟ ଓ ସ୍ମୃତିଜଡ଼ିତ ବଡ଼ ବଡ଼ ସ୍ମାରକୀ ସବୁ ଭଙ୍ଗାଯାଇ ନୂଆ ନିର୍ମାଣ ଚାଲିଛି। କିନ୍ତୁ ହଜାର ବର୍ଷର ଭାଇଚାରାର କଟକ ସହରରେ ଲାଲବାଗ ନିଶ୍ଚିନ୍ତ ଭାବେ ଏକ ଆବେଗ, ସ୍ମୃତି ଓ ସ୍ମାରକୀର ସ୍ଥାନ ହୋଇ ପ୍ରତିଟି କଟକିଆଙ୍କ ହୃଦୟରେ ରହିବ।

**ଚଣ୍ଡୀମନ୍ଦିର ରାସ୍ତା, କଟକ-୧,**
**ଦୂରଭାଷ :୯୪୩୭୦୨୧୬୧୫**
E-mail :
abhisekmohapatra1999@gamil.com



ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ବାପା ପାଗଳକୁ ପରିବାରର ଜଞ୍ଜାଳ... ଘରୁ ଗୋଡ଼ କାଢ଼ିଲି: ସୁକାନ୍ତି



ଜୀବନ କଣ ଜାଣିବାବେଳକୁ ମୁଣ୍ଡେଇବାକୁ ପଡ଼ିଲା ପରିବାରର ବୋଝ। କୂଳ ରକ୍ଷା କରିବାକୁ ପୁଅଟିଏକୁ ଅପେକ୍ଷା କରି ପାଞ୍ଚ ଭଉଣୀକୁ ଜନ୍ମ ଦେଇସାରିଥିଲେ ବାପାମାଆ। ଅଭାବ, ଅନଟନରେ ବାଲ୍ୟକାଳ ଯାହା ଯେମିତି କଟିଲା ସିନା... ଦଇବ ବି ଅଧାରାସ୍ତାରୁ ଭଗାରୀ ସାଜିଲେ। ବାପା ପାଗଳ ହୋଇଗଲେ...ପରିବାର ଚଳାଇବାକୁ ତାଙ୍କ ପାଖରେ ଆଉ କିଛି ସାମର୍ଥ୍ୟ ନଥିଲା। ବଡ଼ଝିଅ ହୋଇଥିବାରୁ ପରିବାର ଚଳେଇବାର ଚଡ଼କ ମୋ ମୁଣ୍ଡ ଉପରେ ପଡ଼ିଲା। ପେଟ ପାଇଁ ଚୋରୀ...ନାରୀ ତ କରିପାରିବିନି। ବାଧ୍ୟ ହୋଇ ଘରୁ ଗୋଡ଼ କାଢ଼ିବାକୁ ପଡ଼ିଲା। ଯାତ୍ରାକୁ ଝିଅମାନେ ସେତେବେଳେ ଏତେ ପରିମାଣରେ ଯାଉ ନଥିଲେ। ଲୋକ ନାନାକଥା କହି ନାକ ଟେକୁଥିଲେ। ସେହି ସମୟରେ ମୋତେ ଯାତ୍ରାକୁ ଆସିବାକୁ ଯେତେବେଳେ ସୁଯୋଗ ମିଳିଥିଲା, ମୁଁ ମନା କରି ନଥିଲି। ବର୍ଷକୁ ପାଞ୍ଚ ହଜାର ଟଙ୍କାରେ ଚୁକ୍ତିବଦ୍ଧ ହୋଇ ଆସିଥିଲି। ଅଭିନୟ କଣ ମୋତେ ଜଣା ନଥିଲେ ବି ପ୍ରଥମ ସୁଯୋଗରେ ନାୟିକା ଭୂମିକାରେ ମୁଁ ଅଭିନୟ କରିଥିଲି। ସ୍ୱର୍ଗତଃ ଅନନ୍ତ ଓଝାଙ୍କର ନାଟକ ଅନ୍ଧ ଆଖିର ଚଷମା, ଜୟ ମା ମଙ୍ଗଳା ଗଣନାଟ୍ୟ ପାଇଁ ପ୍ରସ୍ତୁତ କରୁଥାନ୍ତି ଅନନ୍ତ ସାର୍। ମୋ ଜୀବନର ଅଭିନୟ ନୂଆ ଥିଲେ ବି ମୁଁ ଯେଭଳି ଭାବରେ ଅଭିନୟ କରିଥିଲି, ଦର୍ଶକ ପ୍ରଥମରୁ ହିଁ ପସନ୍ଦ କରିଥିଲେ। ପରବର୍ତ୍ତୀ ସମୟରେ ମୋ ପେଁ କାଳୀ ବଜେଇ ଦେ, ଆ ଜହ୍ନମାମୁ ଶରଗ ଶଶୀ, ମିତା ମହାନ୍ତି ମିଛ କୁହନ୍ତି ଆଦି ନାଟକ ମୋତେ ଆହୁରି ଲୋକ ପରିଚୟ କରେଇଥିଲା। ପରିବାର ଚଳେଇବା ପାଇଁ ଓ ମୋ ବାପାମାଆଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଯାତ୍ରାକୁ ଆସି କିଛି ଭୁଲ କରିନାହିଁ। ଯେଉଁଦିନ ମୋତେ ଏକକାଳୀନ ୫ହଜାର ଟଙ୍କା ମୋ ପାରିଶ୍ରମିକ ବାବଦରେ ଚୁକ୍ତି ହୋଇ ଦିଆଯାଇଥିଲା, ସେଦିନ ମୁଁ ଖୁସିରେ ନାଚିଯାଇଥିଲି। କେବେ ଏତେଗୁଡ଼ାଏ ଟଙ୍କା ଆଗରୁ ମୋ ଜୀବନରେ ଦେଖି ନଥିଲି। ତା'ପରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ। ଅଭିନୟ ମୋ ପାଇଁ ପେଶା ଓ ନିଶା ପାଲଟିଗଲା। ମୁହଁରେ ରଙ୍ଗମାରି, ରାତିରେ ସଂଳାପ କହି ଯେତେବେଳେ ଦର୍ଶକଙ୍କ ମନୋରଞ୍ଜନ କରୁଥିଲି, ସେତେବେଳେ ମୋ ଛାତି କୁଣ୍ଢେମୋଟ ହୋଇଯାଉଥିଲା। ଯାହା କରିଛି ଠିକ୍ କରିଛି...ମୋ ପରିବାର ମୋ ପାଇଁ ବଡ଼...ସେଥିପାଇଁ ଯାହା ମୂଲ୍ୟଦେବାକୁ ପଡୁପଛେ, ଧୈର୍ଯ୍ୟର ସହକାରେ ଆଜିଯାଏ ଅଭିନୟକୁ ସାହାରା କରି ବାଟ ଚାଲିଛି ବୋଲି କୁହନ୍ତି ସେଦିନର ନାୟିକା, ଆଜିର ଚରିତ୍ର ଅଭିନେତ୍ରୀ ସୁକାନ୍ତୀ ପାଢ଼ୀ। ଆହୁରି ବି କୁହନ୍ତି, ମୋର ବୟସ ସେତେବେଳକୁ ମାତ୍ର ସତରବର୍ଷ। ପାଦ ଝୁଣ୍ଟିବା ବୟସରେ ମୁଁ ଗୋଡ଼କୁ ଦମ୍ଭ କରି ଆଉ ସାତଟି ଜୀବନ ପାଇଁ ମୁଁ ମୋ ଜୀବନକୁ ଅଭିନୟରେ ବାଜି ଲଗାଇଥିଲି। ଏ ସମୟରେ ମୋ ସହ ସେତେବେଳେ ଭେଟ ହେଲେ ଆଜିର ଭାବୀସ୍ୱାମୀ ତଥା ସେତେବେଳର ମୋ ନାଟକର ନାୟକ ଗୌର ପାଢ଼ୀ। ନାଟକର ନାୟିକା ସାଜୁସାଜୁ ସତସତିକା ତାଙ୍କର ପ୍ରେମିକା କେବଳ ନୁହେଁ ଧର୍ମପତ୍ନୀ ବି ପାଲଟିଗଲି। ଜଟିଳ ଲାଗୁଥିବା ଜୀବନ ଆଉ ଜଟିଳ ଲାଗିଲାନି, ବରଂ ସମାଧାନର ବାଟ ଦେଖେଇ ଦେଖେଇ ଆଜିଯାଏ ମୋ ସହ ବାଟ ସେ ସେମିତି ଚାଲୁଛନ୍ତି। ଗୋଟେପଟେ ମୋ ଜୀବନ ସାଥୀ ଗୌର ଓ ଅନ୍ୟପଟେ ମୋ ଜୀବନକୁ ନୂଆ ଆଲୋକ ଦେଖାଇଥିବା ନାଟକ। ଏଦୁହିଁଙ୍କୁ



ନେଇ ମୋ ଜୀବନ ଆଜି ଅର୍ଥପୂର୍ଣ୍ଣ।

ଯେଉଁମାନେ ଦେଖିଛନ୍ତି, ବାଜି ମାରିଲେ ହାରିବ, ବାଜ୍ୟେ ଝିଅକୁ ବାହା ହେବି, ବେଶ୍ୟା ପାଳୁଛି ସାବିତ୍ରୀ ବ୍ରତ, ମିତା ମହାନ୍ତି ମିଛ କୁହନ୍ତି, ଏ ରଙ୍ଗ ରହିଲେ ହେଲା, ଅନ୍ଧ ଆଖିର ଚଷମା, କହିବିନି କହିଲେ ଏଘରେ ରହିବିନି, ଆ ଜହ୍ନ ମାମୁ ଶରଣ ଶଶୀ, ଡିଏସ୍‌ପି ରମା, ଏତେ ସପନକୁ ରାତି କାହିଁ, ଛଅଖଣ୍ଡ କାଠରେ ହେବ ସବାରୀ, ମୋ ପେଁକାଳୀ ବଜେଇ ଦେ, ଟିକିଲି ଅପା, ବୁଢ଼ାବର, ଫୁଲ ବଉଳବେଣୀ, ମେଘ ବରଷିଲା ଟୁପୁରୁଟାପର, ଚରିତ୍ରହୀନା, ବାବୁ ମୋତେ ଭୁଲିଗଲେ, ଶାମୁକା ଝୁରୁଛି ସାଗରକୂଳେ, ଫଗୁଣ ଦେଇଛି ପହିଲି ଚିଠି, ଜୀଅନ୍ତା ଭୂତ, ଗୁଡ୍‌ମର୍ଣ୍ଣି ଅଙ୍କଲ, ଅଧାସପନରେ ପାହିଲା ରାତି, ମୁଠାଏ ଭାତ, କେମିତି ଚାଲିଛି କଳିଙ୍ଗନଗର, ତୁ ତ ଜଗତଯାକର ରାଣୀ, ଅଙ୍ଗନବାଡ଼ି ଦିଦି ଆଦି ନାଟକ ନିଶ୍ଚିତ ଭାବରେ ସୁକାନ୍ତୀଙ୍କର ନାୟିକା ଭୂମିକା ଆଖିଆଗରେ ନାଚିଯାଉଥିବ। ଏବେ ସମୟ ଟିକେ ଛାଇ ଲେଉଟାଣୀକୁ ଢ଼ଳିଗଲେ ବି ସେ ଦାମ୍ଭିକ ସଂଳାପ ଆଜି ବି ଦର୍ଶକଙ୍କ ହୃଦୟଛୁଇଁ ଦର୍ଶକଙ୍କ ଆଖିର ଟୋପେ ଲୁହ ହୋଇ ବୋହିଯିବାକୁ ବାଧ୍ୟ ହେଉଛି।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com